
ଧରିତ୍ରୀ
DHARITRI
August 24-30 2025 ₹ 2/-

ଧରିତ୍ରୀ 51 Years

# ଛୁଟିଦିନ



# ଏମିତି ବନ୍ଧୁତା

୩ ପ୍ରଚ୍ଛଦ ପ୍ରସଙ୍ଗ

ଭୋକିଲା ଓ ଅସହାୟ
ବୁଲା କୁକୁରଙ୍କ ପାଇଁ
ସେମାନଙ୍କ ହୃଦୟ କାନ୍ଦେ।
ପ୍ରତିଦିନ ସେମାନେ ତାଙ୍କୁ
ଖାଇବାକୁ ଦେବାସହ
ତାଙ୍କସହ କିଛି ସମୟ କାଟନ୍ତି।
କାରଣ ତାଙ୍କୁ ସେମାନେ
ବେସାହାରା ନୁହେଁ ବରଂ ବନ୍ଧୁ
ବୋଲି ଭାବନ୍ତି...

## ସୌଭାଗ୍ୟ ଆଣେ ହାତୀ ପ୍ରତିମା

**ଭଗବାନ ଗଣେଶଙ୍କର ଏକ ସ୍ୱରୂପ ଭାବେ ହାତୀଙ୍କୁ ଅନେକ ପୂଜା କରିଥାନ୍ତି ବାସ୍ତୁଶାସ୍ତ୍ରରେ ବି କୁହାଯାଇଛି, ଘରେ ହାତୀର ପ୍ରତିମା ରଖିବା ଦ୍ୱାରା ମଧ୍ୟ ଅନେକ ଶୁଭଫଳ ମିଳିଥାଏ। ଯେମିତିକି:**

✲ ହାତୀକୁ ଯଶ ଆଉ କୀର୍ତ୍ତିର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ଯେଉଁ ବ୍ୟକ୍ତିଙ୍କର କ୍ୟାରିଅର୍‌ରେ କିଛି ବି ଉନ୍ନତି ହେଉ ନଥାଏ, ସେମାନେ ନିଜ ଟେବୁଲ୍ ଉପରେ ଏପରି ହାତୀର ମୂର୍ତ୍ତି ରଖିବା ଦରକାର, ଯାହାର ଗୋଟିଏ ଗୋଡ଼ ଟିକେ ଆଗକୁ ଉଠିକି ଥିବ। ଏପରି କଲେ କ୍ରମେ ତାଙ୍କ ଭାଗ୍ୟରେ ପରିବର୍ତ୍ତନ ଆସିଥାଏ ବୋଲି ବିଶ୍ୱାସ କରାଯାଏ।



✲ ହାତୀ ଏମିତି ଏକ ପ୍ରାଣୀ ଯିଏକି ତା'ର ଜୀବନକୁ ବେଶ୍ ମଦମସ୍ତ ହୋଇ ଜିଇଁଥାଏ। ତେଣୁ ସୁଖମୟ ଜୀବନ ପାଇଁ ଘରେ ଉପରକୁ ଶୁଣ୍ଢ ଟେକି ରଖିଥିବା ହାତୀର ପ୍ରତିମା ରଖିବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ ଏକାଗ୍ରତା ବଢ଼ାଇବାରେ ବି ହାତୀର ପ୍ରତିମା ଅନେକ ସାହାଯ୍ୟ କରିଥାଏ। ତେଣୁ ଛୁଆଙ୍କର ପଢ଼ା ଟେବୁଲ୍ ଉପରେ ହେଉ କିମ୍ବା ଯେଉଁମାନେ ସବୁବେଳେ ଦ୍ୱନ୍ଦ୍ୱ ଭିତରେ ରହିଥାନ୍ତି; ସେମାନଙ୍କର ପାଖାପାଖି ସ୍ଥାନରେ ଗୋଟିଏ ହାତୀର ପ୍ରତିମା ରଖିଦିଅନ୍ତୁ। ଯେମିତି ବାରମ୍ବାର ସେମାନଙ୍କର ନଜର ଏହି ପ୍ରତିମା ଉପରେ ପଡୁଥିବ। ଦେଖିବେ କିଛିଦିନ ପରେ ସେମାନଙ୍କ ଭିତରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିଯିବ।

✲ ତେବେ ହାତୀର ପ୍ରତିମା ରଖିବା ପାଇଁ ଘରର ଉତ୍ତର ଦିଗ ସବୁଠୁ ଭଲ ହୋଇଥିଲେ ହେଁ, ସୁଫଳ ପାଇବା ପାଇଁ ନିଜ ସୁବିଧା ଅନୁସାରେ ଏହାର ସ୍ଥାନକୁ ପରିବର୍ତ୍ତନ କରିବାରେ ସେମିତି କିଛି ବିଶେଷ ଅସୁବିଧା ନାହିଁ ବୋଲି ବାସ୍ତୁଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୪-୩୦, ୨୦୨୫

**ମେଷ:** ସମସ୍ୟା ସମାଧାନ ହେବ, ଖର୍ଚ୍ଚ ପରିମାଣ ବଢ଼ିଯିବ, ଋଣଗ୍ରସ୍ତ ହୋଇପାରନ୍ତି, ନିର୍ମାଣକାର୍ଯ୍ୟ ବଢ଼ିଚାଲିବ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି, ପଡୋଶୀଙ୍କ ପ୍ରତାରଣା, ଧର୍ମକାର୍ଯ୍ୟ କରିବେ ॥

**ବୃଷ:** ଶାରୀରିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନର ସୁଯୋଗ, ଅପ୍ରିୟଭାଷଣରୁ ଅଶାନ୍ତି, ଯାନ୍ତ୍ରିକ ଜିନିଷର ମରାମତି, ନୂଆ ବନ୍ଧୁତ୍ୱ ସୃଷ୍ଟି, ବୈବାହିକ ସମ୍ପର୍କର ଆଲୋଚନା, ଋଣ ପରିଶୋଧ କରିବେ, ବ୍ୟବସାୟିକ ଉତ୍କର୍ଷତା ॥

**ମିଥୁନ:** କର୍ମଜଞ୍ଜାଳ ବଢ଼ିବ, ମାନସିକ ଅସ୍ଥିରତା ସୃଷ୍ଟି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ବନ୍ଧୁଙ୍କ ସମାଦର, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ନୂତନ ମିତ୍ରତା ସୃଷ୍ଟି, କରଜଦାତାଙ୍କ ଚାପ ବଢ଼ିବ, ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଃଶ୍ଚିନ୍ତା, ପଡୋଶୀଙ୍କ ଅସହଯୋଗ, ମାଲିମକଦ୍ଦମାରେ ବିଜୟ ॥

**କର୍କଟ:** ପରିସ୍ଥିତି ବଦଳିଯିବ, କର୍ମକ୍ଷେତ୍ରରେ ସ୍ଥିରତା ଆସିବ, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଅଜୀର୍ଣ୍ଣ ପୀଡ଼ାରୁ କଷ୍ଟ, ଶିଳ୍ପବାଣିଜ୍ୟରେ ଉନ୍ନତି, କଳାପ୍ରିୟ ହେବେ, ସଭାସମିତିକୁ ନିମନ୍ତ୍ରଣ, ବ୍ୟବସାୟରେ ଉନ୍ନତି ॥

**ସିଂହ:** ପ୍ରତିଯୋଗିତାରେ ସଫଳତା, ଅର୍ଥଲାଭର ଯୋଗ ରହିଛି, ନୂତନ କର୍ମାରମ୍ଭ, ଯାନବାହନରେ ତ୍ରୁଟି, ଯାତ୍ରାସ୍ଥଗିତ ରହିପାରେ, ନୂତନ କର୍ମସଂସ୍ଥାନ, ବିଦେଶ ଯାତ୍ରାର ସୁଯୋଗ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ଭ୍ରମଣପ୍ରିୟ ହେବେ ॥

**କନ୍ୟା:** ଅବହେଳାରୁ କର୍ମହାନି, ଉପରିସ୍ଥଙ୍କ ତାଗିଦା, ଅସାବଧାନତାରୁ ଧନହାନି, ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ବନ୍ଧୁ ସହ ଭୁଲ୍ ବୁଝାମଣା, ସମ୍ବର୍ଦ୍ଧିତ ହୋଇପାରନ୍ତି, ନୂଆ ସମ୍ପର୍କ ଯୋଡ଼ିବେ, ପରିସ୍ଥିତିକୁ ସୁଧାରି ନେବେ ॥

**ତୁଳା:** ସ୍ନାୟବିକ ଦୁର୍ବଳତା, ପ୍ରତୀକ୍ଷା ଜନିତ କଷ୍ଟ, ମିଥ୍ୟା ଗୁଜବରୁ ବିସ୍ମୟ, ଅର୍ଥ ସମ୍ପର୍କରୁ ବିବାଦ, ତର୍କର ସମ୍ମୁଖୀନ ହେବେ, ବନ୍ଧୁଙ୍କ ସୁପରାମର୍ଶ, ଦେବାର୍ଚ୍ଚନା ପାଇଁ ମନ ବଳିବ, ଭ୍ରମଣ ସୁଯୋଗ ପାଇବେ, ପିଲାଙ୍କ ସ୍ୱାସ୍ଥ୍ୟହାନି, ସହକର୍ମୀଙ୍କ ଅଭିଯୋଗ, ପାରିବାରିକ ଅସହଯୋଗ ॥

**ବିଛା:** କାର୍ଯ୍ୟସମ୍ପନ୍ନ ହେବ, ସାହିତ୍ୟ କୃତିତ୍ୱ ପ୍ରଶଂସା, ବନ୍ଧୁଙ୍କ ପ୍ରତାରଣା ନୀତି, ଅନ୍ୟମନସ୍କତାରୁ ଧନହାନି, ବିବାଦୀୟ ଘଟଣାର ସମାଧାନ, ଗୃହସୀମାରେ ବିତର୍କ, ପଡୋଶୀଙ୍କ ପ୍ରେରଣା, ପାରିବାରିକ ସୌଖ୍ୟ, ସନ୍ତାନଙ୍କ କୃତିତ୍ୱ, ନୂତନ ବନ୍ଧୁତ୍ୱ ସୃଷ୍ଟି ॥

**ଧନୁ:** କର୍ମକ୍ଷେତ୍ରରେ ଗୌରବ, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃସମ୍ପର୍କରେ ଉନ୍ନତି, ଲୋକ ପ୍ରିୟତା ବୃଦ୍ଧି, ଦୂରଯାତ୍ରା କରିପାରନ୍ତି, ପ୍ରତି ଯୋଗୀତାରେ ସଫଳତା, ପାରିବାରିକ ଦୁଃଶ୍ଚିନ୍ତା, ସମସ୍ୟାକୁ ସୁଧାରି ନେବେ ॥

**ମକର:** ଦୈହିକ ଦୁର୍ବଳତା, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁମିଳନରୁ ଆନନ୍ଦ, ସଭାସମିତିକୁ ନିମନ୍ତ୍ରଣ, ଉପଢୌକନ ପ୍ରାପ୍ତି, ସହକର୍ମୀଙ୍କ ଦୌରାତ୍ମ୍ୟ, ସନ୍ତାନ ହେତୁକ ଦୁଃଶ୍ଚିନ୍ତା, ସମ୍ପର୍କର ପୁନରୁଦ୍ଧାର, ଯାନ୍ତ୍ରିକ ଜିନିଷର ମରାମତି, ପାରିବାରିକ ଅଶାନ୍ତି।

**କୁମ୍ଭ:** ସମସ୍ୟାର ସମାଧାନ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ସାମ୍ବାଦିକତାରୁ ଗୌରବ, ଋଣଗ୍ରସ୍ତ ହୋଇପାରନ୍ତି, ବନ୍ଧୁଙ୍କ ପ୍ରତାରଣା, ପ୍ରଗତିର ପଥରୋଧ, ପିଲାଙ୍କର କିଛି ସମସ୍ୟା, ମନ ବିଚଳିତ ରହିବ, ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ ॥

**ମୀନ:** ଅପ୍ରିୟ ସତ୍ୟଭାଷଣରୁ କଳହ, ନୂତନ ଯୋଜନାରେ ସମସ୍ୟା, ଜମିଜମା କଳହ, ଅର୍ଥ ସଂଗ୍ରହର ପ୍ରଚେଷ୍ଟା, ଚାକିରିରେ ସମ୍ମାନ ଲାଭ, ପଦମର୍ଯ୍ୟାଦା ବୃଦ୍ଧି ପାଇବ, ବିରୋଧୀ ପକ୍ଷଙ୍କ ସକ୍ରିୟତା, ପବ୍ଲିକେଶନରେ ବିଳମ୍ବ, ସାଂସ୍କୃତିକ କାର୍ଯ୍ୟକ୍ରମ,ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସା ॥

# ପ୍ରଭୁ ଗଣେଶଙ୍କର ପ୍ରିୟ ଫୁଲ...

ଫୁଲକୁ ଶୁଦ୍ଧତା ଓ ପବିତ୍ରତାର ପ୍ରତୀକ ବୋଲି କୁହାଯାଇଥାଏ। ଖାସ୍ ଏହି କାରଣ ପାଇଁ ଦେବଦେବୀଙ୍କ ପୂଜା ହେଉ ଅଥବା ଅନ୍ୟ ଯେ କୌଣସି ଶୁଭ କାର୍ଯ୍ୟରେ ଫୁଲର ଆବଶ୍ୟକତା ପଡ଼ିଥାଏ। ତେବେ ପ୍ରତି ଦେବଦେବୀଙ୍କର କିଛି ଫୁଲ ପ୍ରିୟ ଥାଏ; ଆଉ ତାଙ୍କ ମନ ଜାଣି ଫୁଲ ଅର୍ପଣ କଲେ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଯେମିତିକି ପ୍ରଭୁ ଗଣେଶଙ୍କର ନାଲି ରଙ୍ଗର ଫୁଲ ଖୁବ୍ ପସନ୍ଦ। ବିଶେଷ କରି ନାଲି ମନ୍ଦାର ପ୍ରଭୁ ଗଣେଶଙ୍କୁ ଅର୍ପଣ କଲେ ଜୀବନରେ ଉନ୍ନତି ଆସିଥାଏ ବୋଲି ବିଶ୍ୱାସ ରହିଛି। ଏହାଛଡ଼ା ଗେଣ୍ଡୁଫୁଲ, ପାରିଜାତ, ଅପରାଜିତା, ମଲ୍ଲି ତଥା ହଳଦିଆ ରଙ୍ଗର ସେବତୀ ଫୁଲକୁ ବି ପ୍ରଭୁ ଗଣେଶଙ୍କୁ ଅର୍ପଣ କରିପାରିବେ। ବିଶ୍ୱାସ ରହିଛି ଯେ, ପ୍ରଭୁ ଗଣେଶଙ୍କୁ ହଳଦିଆ ସେବତୀ ଅର୍ପଣ କଲେ କୁଦୃଷ୍ଟିରୁ ରକ୍ଷା ମିଳିଥାଏ। ମଲ୍ଲି ଫୁଲ ଅର୍ପଣ କଲେ ସୁଖଶାନ୍ତି ବୃଦ୍ଧି ପାଇଥାଏ। ଅନ୍ୟପକ୍ଷେ



ଗେଣ୍ଡୁଫୁଲ ଅର୍ପଣ କଲେ ସକାରାତ୍ମକ ଭାବନା ବୃଦ୍ଧି ପାଉଥିବାବେଳେ ପାରିଜାତ ଫୁଲ ସୌଭାଗ୍ୟକୁ ଆମନ୍ତ୍ରିତ କରିଥାଏ। ସେହିପରି ଅପରାଜିତା ଫୁଲ ଅର୍ପଣ କରି ପ୍ରଭୁ ଗଣେଶଙ୍କୁ ଭକ୍ତିର ସହ ପୂଜିଲେ ମନୋସ୍କାମନା ପୂରଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

## ପାଠକୀୟ

✲ ଲୋକଙ୍କୁ ସୁରକ୍ଷା ଦେବା ସଙ୍କୋଚ ପୋଲିସର କର୍ତ୍ତବ୍ୟ। କିନ୍ତୁ ଆଉ କେତେଜଣ ଏମିତି ପୋଲିସ ଅଛନ୍ତି, ଯିଏ ସୁରକ୍ଷା ଦେବା ସହିତ ଗରିବ ପିଲାଙ୍କୁ ମାଗଣା ଶିକ୍ଷାଦାନ, ରକ୍ତଦାନ ସହ ଲୋକଙ୍କ ସେବାକୁ ଜୀବନର ବ୍ରତ କରିଛନ୍ତି। ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ସେବା ପାଇଁ ସମର୍ପିତ' ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ପ୍ରେରଣାଦାୟୀ ହୋଇଥିଲା। 'କେଉଁ ଜିନିଷ ଘରେ ରଖିବା ଅଶୁଭ', 'ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*–ସରୋଜ ଦାସ, ପୁରୀ*

✲ ସୀମାନେ ରହି ଶତ୍ରୁଙ୍କ କବଳରୁ ନିଜ ଦେଶକୁ ରକ୍ଷା କରିବା ଯେମିତି ଦେଶ ସେବା। ଠିକ୍ ସେମିତି ବିଭିନ୍ନ ସୁବିଧାରୁ ବଞ୍ଚିତ ଗରିବ, ଅସହାୟ ପିଲାମାନଙ୍କୁ ମାଗଣା ଶିକ୍ଷାଦାନ ଦେବା, ଜୀବନମରଣ ସହ ସଂଘର୍ଷ କରୁଥିବା ଅସହାୟ ଲୋକଙ୍କୁ ରକ୍ତଦାନ କରିବା ବି ହେଉଛି ଏକପ୍ରକାର ଦେଶସେବା। ଏମିତି କିଛି ଭିନ୍ନ କାମ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବା କେତେଜଣ ପୋଲିସ କର୍ମଚାରୀଙ୍କର ଜୀବନ କାହାଣୀକୁ ନେଇ ପ୍ରସ୍ତୁତ 'ସେବା ପାଇଁ ସମର୍ପିତ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟଛୁଆଁ ହୋଇଥିଲା।

*– ରଶ୍ମିତା ପ୍ରଧାନ, କଟକ*

✲ ସେଲିବ୍ରିଟି ସିକ୍ରେଟ୍ ପାଠରୁ ଡ୍ୟାନ୍ସର ତଥା ଅଭିନେତ୍ରୀ ମନ୍ଦାକିନୀ ଜେନାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସମାଜସେବୀ, ଲେଖକ ପର୍ଶୁରାମ ଦ୍ୱିବେଦୀଙ୍କ ବିଷୟରେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଓଠ'ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇଥିଲା।

*–ରଂଜିତା ସେନାପତି, ବରପାଲି*

✲ ଲେଖକ ଅବନୀ କୁମାର ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ସୁନ୍ଦର ଥିଲା। କୋଟପାଡ଼ ଶାଢ଼ି ସମ୍ପର୍କରେ ବହୁ ଉପାଦେୟ କଥା ବି ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଖଲ୍ଲିକୋଟ ରାଜବାଟୀ' ବି ଏକ ନିଆରା ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ହାଃ ହାଃ ମଧ୍ୟ ମଜାଦାର୍ ଲାଗୁଥିଲା।

*– ସୁରେଶ ମହାନ୍ତି, ପିପିଲି*

✲ ଐତିହାସିକ ଦୁର୍ଗ ମେହରାନଗଡ଼ ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ନୀଳ ସହର ଯୋଧପୁର' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ବିଜ୍ଞ ନିଷ୍ଠୁରତା' ଶୀର୍ଷକ ବ୍ୟଙ୍ଗ ବି ଖୁବ୍ ମନଛୁଆଁ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାର ସମସ୍ତ ପାଠ ମଧ୍ୟ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ଶ୍ରୀମାନ୍ ଶିବାଶିଷ, ରାଉରକେଲା*



### ବିଶେଷ ଚିଠି

ସେବା ପାଇଁ ସମର୍ପିତ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ, ତା'ସାଙ୍ଗକୁ
ନିଆରା ଥିଲା ମନ୍ଦାକିନୀ ଜେନାଙ୍କ ସାକ୍ଷାତକାର।
ସୃଜନର ଗପ, କବିତା
ମନ କିଣି ନେଉଥିଲା,
ସିନେମା ପୃଷ୍ଠାକୁ ଦେଖି
ଆଖି ଖୋସି ହୋଇ ଯାଉଥିଲା।
ବିବିଧା, ବ୍ୟାକ୍‌ପେଜ୍ ବି ଥିଲା
ଭାରୀ ନିଆରା, ସାଥିର ଉତ୍ତର ପୁଣି
ଦେଉଥିଲା ନୂଆ ଇସାରା।
ହେ ପ୍ରିୟ ଛୁଟିଦିନ
ତୁମ ସବୁ ପୃଷ୍ଠା ଲାଗେ ନୂତନ ନୂତନ।


*– ଶଶୀରେଖା ଦାଶ, ଯାଜପୁର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଏମିତି ବନ୍ଧୁତା

**ଭୋକିଲା ଓ ଅସହାୟ ବୁଲା କୁକୁରଙ୍କ ପାଇଁ ସେମାନଙ୍କ ହୃଦୟ କାନ୍ଦେ। ପ୍ରତିଦିନ ସେମାନେ ତାଙ୍କୁ ଖାଇବାକୁ ଦେବାସହ ତାଙ୍କସହ କିଛି ସମୟ କାଟନ୍ତି କାରଣ ତାଙ୍କୁ ସେମାନେ ବେସାହାରା ନୁହେଁ ବରଂ ବନ୍ଧୁ ବୋଲି ଭାବନ୍ତି...**

କେଉଁ ଆଦିମ କାଳରୁ କୁକୁର ମଣିଷର ବିଶ୍ୱସ୍ତ ହୋଇ ରହିଆସିଛି। ଯାହା କେତେକ ଗୁମ୍ଫାରେ ଆଦିମାନବ ସହ କୁକୁରର ଶିଳାଚିତ୍ରରୁ ଦେଖିବାକୁ ମିଳିଥାଏ। କୁକୁର ଯେ କେବଳ ଏକ ବିଶ୍ୱାସଯୋଗ୍ୟ ପ୍ରାଣୀ ତା' ନୁହେଁ ବରଂ ତା' ଭିତରେ ମଣିଷଙ୍କ ପରି ଭଲମନ୍ଦ ବୁଝିବାର ଯଥେଷ୍ଟ ସାମର୍ଥ୍ୟ ରହିଥାଏ। ସେଇଥିପାଇଁ ବୋଧେ ମଣିଷ କୁକୁରକୁ ତା'ର ଏକୁଟିଆପଣର ସଥୀ କରିଥାଏ। ଆଉ କେତେଜଣ ଅଛନ୍ତି ଯେଉଁମାନେ ବୁଲା କୁକୁରଙ୍କ କଷ୍ଟ ସହି ନ ପାରି ତାଙ୍କ ସହ ବନ୍ଧୁ ଭଳି ଛିଡା ହୋଇଥାନ୍ତି..

**ସ୍କୁଲ ଯିବା ବାଟରେ ବୁଲାକୁକୁରଙ୍କୁ ଖାଦ୍ୟ ଦେଇଥାଏ:** ବୁଲା କୁକୁରଙ୍କୁ କଷ୍ଟରେ ଦେଖିଲେ ତାଙ୍କୁ ଭାରି କଷ୍ଟ ହୁଏ। କାରଣ ସେମାନଙ୍କର ବି ମନ ଅଛି। ତାଙ୍କୁ ବି କଷ୍ଟ ହୁଏ। ସେଇଥିପାଇଁ ସେ ପ୍ରତିଦିନ ଏକାଧିକ ବୁଲା କୁକୁରଙ୍କୁ କିଛି ନା କିଛି ଖାଦ୍ୟ ଖାଇବାକୁ ଦିଅନ୍ତି। ସେ ହେଲେ **ପୁଷ୍ପଲତା ମହାପାତ୍ର।** ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରନ୍ତି। ତାଙ୍କ ଶାଶୁଘର କଳାପଥର ତଳସାହିରେ। ସେ କୁହନ୍ତି, 'ପିଲାଦିନେ କାଉ, ବଣି ଓ ଗାଈଗୋରୁଙ୍କୁ ସବୁବେଳେ କିଛି ନା କିଛି ଖାଦ୍ୟ ଦେଉଥିଲି। ଥରେ ଶାଶୁଘର ଛାତ ଉପରକୁ ଯାଇ ଦେଖିଲି ଗୋଟିଏ ମାଙ୍କଡ଼ ଚୁପ୍‌ଚାପ୍ ବସି ମୋ ଆଡ଼କୁ ବଲବଲ ହୋଇ ଅନାଉଥାଏ। ପ୍ରଥମେ ଟିକେ ଡର ଲାଗୁଥିଲା, ମାତ୍ର ତା'ପରେ ମନରେ ସାହସବାନ୍ଧି ଘରୁ ଗୋଟିଏ କଦଳୀ ଆଣି ସେହି ମାଙ୍କଡ଼କୁ ଦେଇଥିଲି । ଏହା ପରଠାରୁ ଆଉ କେତୋଟି ମାଙ୍କଡ଼ ଆସିଲେ, ତା'ପରଦିନ ଅଧିକ କିଛି ଫଳ ଆଣି ମାଙ୍କଡ଼ମାନଙ୍କୁ ଦେଇଥିଲି। ଏମିତି କିଛିଦିନ ଫଳ ଓ ବିସ୍କୁଟ ମାଙ୍କଡ଼ଙ୍କୁ ଦେବା ମୋର ନିତିଦିନିଆ ଅଭ୍ୟାସ ହୋଇଗଲା। ଏଥିଯୋଗୁ ମାଙ୍କଡ଼ଙ୍କୁ ଦେଖିଲେ ମତେ ଆଉ ଭୟ ଲାଗିଲା ନାହିଁ। ସେମାନଙ୍କୁ ଡାକିଲାମାତ୍ରେ ପାଖକୁ ଆସନ୍ତି। ସେହିପରି ରାସ୍ତାରେ ଯାଉଥିବାବେଳେ ବୁଲାକୁକୁରଙ୍କୁ ଦେଖିଲେ କିଛି ଖାଦ୍ୟ, ବିସ୍କୁଟ ଦେଇଥାଏ । ମତେ ଦେଖିଲେ ସେମାନେ ଚାଲିଆସନ୍ତି ଖାଇବା ପାଇଁ। ଏହାପରେ କୁକୁର ସଂଖ୍ୟା ବଢିଲେ। ତେଣୁ ଚିନ୍ତା କଲି କେତେ ଆଉ କିଣିକି ଦେବି ଯେ ସେମାନଙ୍କ ପେଟ ପୁରିବ। ତେଣୁ ଘରୁ ରୁଟି କରି ସେମାନଙ୍କ ଲାଗି ନେଲି। ଏମିତି ହେଲା ସେମାନେ ମତେ ଦେଖିଲେ ଖଣ୍ଡେ ଦୂରରୁ ଦେଖିଲେ ବି ଦୌଡ଼ି ଚାଲି ଆସୁଥିଲେ। ସେମାନଙ୍କୁ ଖାଦ୍ୟ ଦେବା ପରେ ସେମାନେ ଯେମିତି ଖୁସିରେ ଖାଉଥିଲେ ତାଙ୍କୁ ଦେଖି ମନ ଆତ୍ମ ସନ୍ତୋଷରେ ଭରିଯାଉଥିଲା। ଏହି ଧାରା ମୋର ପ୍ରତିଦିନ ଚାଲିଥାଏ। କେବଳ କୁକୁର କାହିଁକି ପାରା ଓ କାଉ ଆଦି ବିଭିନ୍ନ ପକ୍ଷୀଙ୍କୁ ମଧ୍ୟ ପ୍ରତିଦିନ ସକାଳୁ ଖୁଦ, ସୋରିଷ, ଗହମ ଆଦି ଖାଦ୍ୟଶସ୍ୟ ଖାଇବାକୁ ଦେଇଥାଏ। ଏମାନଙ୍କ ସହିତ କିଛି ସମୟ ବିତିଯାଏ। ମନଟା ଖୁବ୍ ଭଲ ଲାଗେ। ଏମାନଙ୍କ ପ୍ରତି ଆତ୍ମୀୟତା ବଢ଼ିଯାଇଛି। ମୁଁ ଦେଖେ ମୋ ପରି ଏମିତି ଅନେକ ଲୋକ ବି କୁକୁରଙ୍କୁ ଆଣି ଖାଦ୍ୟ ଓ ପାଣି ଦେଉଛନ୍ତି। ମତେ ଖୁସି ଲାଗୁଛି ଲୋକମାନେ ଏବେ ବୁଲା କୁକୁରଙ୍କ ପାଇଁ ଚିନ୍ତା କରୁଛନ୍ତି।

**ସେମାନେ ମୋ ପରିବାର ପରି ଲାଗନ୍ତି:** ପିଲାଟି ଦିନରୁ ତାଙ୍କର ପ୍ରାଣୀମାନଙ୍କ ପ୍ରତି ଥିଲା ଖୁବ୍ ଭଲ ପାଇବା। ଗାଈଗୋରୁ ଓ କୁକୁର ଯିଏ ବି ଅସୁବିଧାରେ ଥିଲେ ସେ ତାଙ୍କ ସାଧ୍ୟମତେ ସାହାଯ୍ୟ କରିବାକୁ ବାହାରି ପଡ଼ନ୍ତି। ବିଶେଷକରି ବୁଲାକୁକୁରମାନଙ୍କ ପାଇଁ ତାଙ୍କ ଭିତରେରହିଛି ବେଶି ଦରଦ। କାରଣ ଏମାନଙ୍କୁ କେହି ଠିକ୍‌ଭାବରେ ଖାଇବାକୁ ଦିଅନ୍ତିନି କି ଆଘାତପ୍ରାପ୍ତ ହେଲେ ସେମାନଙ୍କୁ ନେଇ ଚିକିତ୍ସା ଦେବା ପାଇଁ ଆଗେଇ ଆସନ୍ତି ନାହିଁ। ଖାସ୍ ସେଇଥିପାଇଁ ସେ ଚିନ୍ତା କଲେ କେମିତି ବି ହେଉ ସେ ଏମାନଙ୍କର ସହାୟତା କରିବେ। ସେଥିପାଇଁ ସେ ତାଙ୍କ ପକେଟ୍ ମନିରୁ କିଛି କିଛି ବୁଲା କୁକୁରଙ୍କ ପାଇଁ ସଞ୍ଚୟ କରନ୍ତି। ସେହି ପଇସାରେ ଚୁଡ଼ା, ବିସ୍କୁଟ ଆଦି କିଣି ସେମାନଙ୍କୁ ଖାଇବାକୁ ଦିଅନ୍ତି। ଏମିତି ଅଭ୍ୟାସ ତାଙ୍କର ଦିନେ କି ଦୁଇ ଦିନର ନୁହେଁ ବରଂ ମାସ ମାସ ଧରି ଚାଲିଛି। ବୁଲାକୁକୁରମାନଙ୍କୁ ଖାଦ୍ୟ ଦେଉଥିବା ଏହି ମହିଳା ହେଲେ **ଐଶ୍ୱର୍ଯ୍ୟା ମହାନ୍ତି** । ସେ କୁହନ୍ତି, 'ମୁଁ ଜଣେ ଗୃହିଣୀ । କିଛିବର୍ଷ ହେଲା ଆମେ ଭୁବନେଶ୍ୱରପୋଖରୀପୁଟ ଅଞ୍ଚଳରେ ରହୁଛୁ। ପ୍ରଥମେ ମୁଁ ଆମ ଘର ପାଖରେ ରହୁଥିବା ଦୁଇଟି କୁକୁରଙ୍କୁ କିଛିଭାତ ଖାଇବାକୁ ଦେଉଥିଲି। କିଛିଦିନ ପରେ ସେମାନଙ୍କ ସହିତ ଆଉ ୨ଟି କୁକୁର ଆସି ଏକାଠି ହେଲେ। ସେମାନଙ୍କୁ ମଧ୍ୟ ମାଛ, ଭାତ ଓ ବେଳେବେଳେ ଚୁଡ଼ା କ୍ଷୀର ଖାଇବାକୁ ଦେଲି। ଏମିତି ଅଭ୍ୟାସରେ ପଡ଼ିଗଲା ଯେ, ମୋ ଠାରୁ ଖାଦ୍ୟ ଖାଇବାକୁ ସେମାନେ ପ୍ରତିଦିନ ଆସନ୍ତି। ଏବେ ସେମାନେ ମୋ ବନ୍ଧୁ ହେଇଯାଇଛନ୍ତି। ପ୍ରତିଦିନ ସକାଳୁ ଘରର ବିଭିନ୍ନ କାର୍ଯ୍ୟ ସାରି ଏହି ବୁଲାକୁକୁରମାନଙ୍କୁ କିଛି ଖାଦ୍ୟ ଦେବାକୁ ଘର ପାଖ ରୋଡ୍‌କୁ ଆସିଥାଏ। ଆଜିକାଲି ପ୍ରାୟ ୭ଟି କୁକୁର ଏଠାକୁ ଆସି ଭାତ, ମାଛ, ଚିକେନ, ବିସ୍କୁଟ, କ୍ଷୀର ଖାଇ ଫେରିଯାଆନ୍ତି। ଏବେ ଦୁଇଟି

→




ଐଶ୍ୱର୍ଯ୍ୟା ମହାନ୍ତି


ପୁଷ୍ପଲତା ମହାପାତ୍ର


ପବିତ୍ର ପ୍ରଧାନ


ଚିନ୍ମୟୀ ଭୂୟାଁ


ବିଭୂତି ପଟ୍ଟନାୟକ


ନନ୍ଦିନୀ ଆରୋରା

କୁକୁର ଛୁଆ ଜନ୍ମ କରିଛନ୍ତି। ସେମାନଙ୍କୁ ମଧ୍ୟ ସକାଳୁ ଓ ଦ୍ୱିପ୍ରହରେ ଆମ ଖାଇବା ସମୟରେ ଖାଇବାକୁ ଭାତ, ମାଛ, ଦେଇଥାଉ । ଯଦି ଆମ ଘରେ ଆମିଷ ହେଇ ନ ଥାଏ, ସେମାନଙ୍କ ପାଇଁ ଅଲଗା ଯାହା କିଛି ଆମିଷ କିଣି ଆଣିଥାଉ। ଖାଇବାକୁ ଦେଲାବେଳେ ସେମାନେ ଖୁସୀରେ ଲାଙ୍ଗୁଡ଼ ହଲାଇ ମୋ ପାଖକୁ ଆସିଥାନ୍ତି। ଏପରି ଦୃଶ୍ୟ ଦେଖିଲେ ମୋତେ ବହୁତ ଆନନ୍ଦ ଲାଗେ। ଏହି କୁକୁରମାନେ ମୋ ପାଟି ଶୁଣିଲେ ଯେଉଁଠି ଥିଲେ ବି ମୋ ପାଖକୁ ଦୌଡ଼ି ଆସନ୍ତି। ଏପରିକି ମୁଁ ଯେଉଁ ଆଡ଼େ ଯିବାକୁ ବାହାରେ ସେମାନେ ମୋ ଆଗେ ଆଗେ ଯିବାକୁ ଆଗଭର ହୋଇଥାନ୍ତି। ଏହି ସମ୍ପର୍କକୁ ଏବେ ପ୍ରାୟ ତିନିବର୍ଷ ବିତିଗଲାଣି । ଏହି କୁକୁରମାନେ ମୋର ଏତେ ଆପଣାର ହୋଇଯାଇଛନ୍ତି ଯେ, ଲାଗନ୍ତି ସତେ ଯେମିତି ସେମାନେ ମୋ ପରିବାର।

**ଖାଇବାକୁ ଦେବାରେ ଆନନ୍ଦ ମିଳୁଛି:** ବିଭିନ୍ନ ସମୟରେ ମାଗଣାରେ ରକ୍ତଦାନ କରିବା ହେଉ କି ଅସହାୟଙ୍କୁ ସାହାଯ୍ୟ କରିବା କିମ୍ବା ବୃକ୍ଷରୋପଣ କରି ପରିବେଶ ସୁରକ୍ଷା କରିବା ଆଦି ତାଙ୍କର ନିତିଦିନିଆ ଅଭ୍ୟାସ ହୋଇଯାଇଛି।  ଏମିତିରେ ପ୍ରତିଦିନ କେହି ଅସହାୟ ଲୋକଙ୍କୁ ଭୋଜନ ଖାଇବାକୁ ଦେବାରେ ସେ ଆନନ୍ଦ ପାଇଥାନ୍ତି। କେବଳ ଅସହାୟ ମଣିଷ କାହିଁକି ବିଭିନ୍ନ ଜୀବଜନ୍ତୁଙ୍କୁ ମଧ୍ୟ ଖାଦ୍ୟ ଦେଇ ଖୁସି ହୋଇଥାନ୍ତି। ସେ ହେଲେ ନୟାଗଡ଼ ଜିଲା ନୟାଗଡ଼ ପୁରୁଣା ସହର କରଣ ସାହିର **ବିଭୂତି ପଟ୍ଟନାୟକ ଓରଫ ଟିଙ୍କୁ**। ସେ କୁହନ୍ତି, 'ପିଲାଟି ଦିନରୁ ମୋର ସେବା ମନୋବୃତ୍ତି ରହିଥିଲା। ବିଭିନ୍ନ ସାମାଜିକ କାର୍ଯ୍ୟ କରିବାରେ ମୋର ଆଗ୍ରହ ଥାଏ। ୨୦୧୯ ମସିହାରେ ମୋର ଏକମାତ୍ର ୫ବର୍ଷ ପୁଅର ହଠାତ୍ ଅକାଳ ବିୟୋଗ ଘଟିଲା। ତାହା ମୋତେ ବହୁତ ମର୍ମାହତ କଲା। ଆଉ ଠିକ୍ ସେହି ସମୟରେ କରୋନା-୧୯ କଟକଣା ଯୋଗୁ ବହୁ ବୁଲା ଗୋରୁ, କୁକୁର ଆଦି ପ୍ରାଣୀମାନେ ଭୋକିଲା ରହିଲେ। ସେମାନଙ୍କ ଦୁଃଖ ମୋତେ ବିଚଳିତ କଲା। ସେଥିଯୋଗୁ ମୋ ରୋଜଗାରରୁ ସଞ୍ଚିତ ଅର୍ଥରେ ବୁଲାକୁକୁରମାନଙ୍କ ପାଇଁ ବିସ୍କୁଟ, ଚୁଡ଼ା କିଣି ରାସ୍ତାର ବିଭିନ୍ନ ଛକ ଯଥା- ମେଡିକାଲ ଛକ, ପିଡବ୍ଲୁ ଛକ, ଜଗନ୍ନାଥମନ୍ଦିର ନିକଟ ରାସ୍ତାରେ  ଯାଇ ଦେଇଥାଏ। ଏମିତିରେ ପ୍ରତିଦିନ ପ୍ରାୟ ୫୦ରୁ ୬୦ଟି ବୁଲାକୁକୁରଙ୍କୁ ଖାଦ୍ୟ ଖାଇବାକୁ ଦେଇଥାଏ। ସେମାନେ ମୋତେ ଦେଖିଲା ମାତ୍ରେ ଖୁସିରେ ଭୁକିଥାନ୍ତି। ଖୁବ୍ ଖୁସିରେ କେହି ପରସ୍ପର ଝଗଡ଼ା ନ କରି ଯାହା ଦିଏ ଖାଇ ପୁଣି ସେଠାରୁ କୁଆଡ଼େ ଫେରି ଯାଆନ୍ତି। ଏମିତି ଦୃଶ୍ୟ ଦେଖଣାହାରୀମାନେ ଦେଖିଲେ ସେଠାରେ କିଛି ସମୟ ଅଟକି ଯାଆନ୍ତି । କେହି କେହି ମୋତେ ବହୁ ପ୍ରଶଂସା ମଧ୍ୟ କରିଥାନ୍ତି। ଏମିତି ପ୍ରତିଦିନ ସକାଳୁ କାର୍ଯ୍ୟ ସାରି ଘରିକୁ ଫେରିଥାଏ। ତା' ପରେ ମୋ ଇଲେକ୍ଟ୍ରି ଦୋକାନକୁ ଯାଇଥାଏ। ଏମିତି କାମରୁ ମୋତେ ବହୁତ ଖୁସି ଲାଗେ।  ସେମାନେ ଖାଇସାରିବା ପରେ ମତେ ଯେମିତି ଚାହିଁ ଭୁକିଥାନ୍ତି। କି ମୁଁ ପହଞ୍ଚିବା ପରେ ଦୌଡ଼ି ଆସି ଭୁକିଥାନ୍ତି ତାହା ଦେଖି ମୁଁ ଅନୁଭବ କରିପାରେ ସେମାନଙ୍କର ମୋ ପାଇଁ କେତେ ଭଲ ପାଇବା। ଆଉ ମୁଁ ବି ଏମିତି କୌଣସି ଦିନ ନାହିଁ ତାଙ୍କୁ ଖାଇବାକୁ ନ ଦେଇ ରହିପାରିଛି। ଏବେ ଆମେ ଏମିତି ବନ୍ଧୁତା ସୂତ୍ରରେ ବାନ୍ଧି ହୋଇ ଯାଇଛୁ ଯେ, ପରସ୍ପରକୁ ଯେମିତି ଦିନେ ନ ଦେଖିଲେ ରହିପାରିବୁନି।

**ସେମାନଙ୍କ ସହିତ ଥିବାବେଳେ ମୋ ଭିତରେ ଅଜବ ସାହସ ଜୁଟିଥାଏ:** ସେ ଜଣେ କଲେଜ ଛାତ୍ରୀ।  ବାୟୋଟେକ୍ନୋଲୋଜିରେ ପିଜି କରୁଛନ୍ତି। ସେ ହେଲେ **ନନ୍ଦିନୀ ଆରୋରା**। ସେ କୁହନ୍ତି, 'ଆମ ପରିବାର ପଞ୍ଜାବରୁ ଆସି ଦୀର୍ଘବର୍ଷ ହେବ ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ରହୁଛୁ। ପିଲାଟି ଦିନରୁ ବିଭିନ୍ନ ସମୟରେ କୁକୁର, ବିଲେଇ ଏବଂ ବୁଲାଗୋରୁ ଓ କୁକୁରଙ୍କୁ ଦେଖିଲେ ବିସ୍କୁଟ ଖାଇବାକୁ ଦେଉଥିଲି। ଏମିତିରେ ସ୍କୁଲ ଯିବା ସମୟରେ ମଧ୍ୟ ପ୍ରତିଦିନ ବୁଲା କୁକୁରମାନଙ୍କ ପାଇଁ ୨/୩ ପ୍ୟାକେଟ ବିସ୍କୁଟ  କିଣି ନେଇଥାଏ ଖାଇବାକୁ ଦେବାପାଇଁ। ସେବେଠାରୁ ସେହି ଅଭ୍ୟାସ ମୋର ରହିଛି। ଯେଉଁଥିପାଇଁ କି ବୁଲା କୁକୁରମାନଙ୍କୁ ପ୍ରତିଦିନ କିଛି ଖାଦ୍ୟ ଖାଇବାକୁ ନ ଦେଲେ ମୋ ମନ  ଭଲ ଲାଗେନା। ଏବେ ପ୍ରତିଦିନ ୧୫ରୁ ୨୦ଟି ବୁଲାକୁକୁରଙ୍କୁ ଦୁଇ ବେଳା ସକାଳେ ଓ ସନ୍ଧ୍ୟାରେ କିଛି କିଛି ରନ୍ଧା ଖାଦ୍ୟ ଓ ରୁଟି ଦେଉଛି। ଏମିତିରେ ବେଳେବେଳେ ସେମାନଙ୍କ ପାଇଁ ମାଛ ଓ ଚିକେନ ତରକାରି କରି ସେଥିରେ ଭାତ ଗୋଳାଇ ଖାଇବାକୁ ଦେଇଥାଏ। ସେମାନଙ୍କ ସହିତ ମୋର ଏପରି ବନ୍ଧୁତା ହୋଇ ଯାଇଛି ଯେ, ସେମାନେ ମୋତେ ଦେଖିଲା ମାତ୍ରେ ଖୁସିରେ ମୋ ପାଖକୁ ଦୌଡ଼ି ଆସିଥାନ୍ତି। ଏହି ବୁଲା କୁକୁରମାନଙ୍କୁ  ପ୍ରତିଦିନ ଖାଇବାକୁ ଦେବାରେ ମୋତେ ମାନସିକ ଶାନ୍ତି ମିଳୁଛି। ମଣିଷମାନଙ୍କ ପରି ସେମାନଙ୍କ ବି ଜୀବନ ରହିଛି। ସେମାନେ ବି କଥା ଶୁଣନ୍ତି । ବୁଲା କୁକୁରମାନେ ମୋତେ ଦେଖିଲେ ଖୁସି ହୁଅନ୍ତି। ସେମାନଙ୍କ ସହିତ ଥିବା ସମୟରେ  ମୋ ଭିତରେ ଅଜବ ସାହସ ଜୁଟିଥାଏ, ଯାହା ମୁଁ ଅନୁଭବ କରେ।

**କୁକୁରଠାରୁ ବି ଶିକ୍ଷା ମିଳେ:** କେଉଁ ଅନାଦି କାଳରୁ  କୁକୁର ସହ ମଣିଷର ନିବିଡ଼ ସମ୍ପର୍କ  ରହିଆସିଛି। କୁହୁଡ଼ି ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ **ପବିତ୍ର ପ୍ରଧାନ** କୁହନ୍ତି, 'ବିଦ୍ୟାର୍ଥୀମାନଙ୍କୁ ଉପଦେଶ ଦେବାକୁ ଯାଇ ଆମ ପ୍ରାଜ୍ଞମନୀଷୀବୃନ୍ଦ ପ୍ରଦାନ କରିଥିବା ଉପଦେଶ ମଧ୍ୟରେ କୁକୁରର ନାମ ମଧ୍ୟ ଉଲ୍ଲେଖ ରହିଛି। ସେଥିପାଇଁ ଏକ ସୁନ୍ଦର ଶ୍ଳୋକଟି ହେଉଛି - କାକ ସ୍ନାନ, ବକ ଧ୍ୟାନ, ଶ୍ୱାନ ନିଦ୍ରା, ଅଳ୍ପାହାରୀ, ଗୃହ ତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ୍ । ଉକ୍ତ ଶ୍ଳୋକରେ ଗୋଟିଏ ବିଦ୍ୟାର୍ଥୀକୁ ଶ୍ୱାନ ବା କୁକୁର ପରି ହାଲୁକା ନିଦରେ ଶୋଇବା ପାଇଁ ପରାମର୍ଶ ଦିଆଯାଇଛି। କୁକୁରମାନଙ୍କଠାରୁ  ୬ଟି ସଦ୍‌ଗୁଣ  ଶିଖିବା ପାଇଁ  ରହିଛି। କୁକୁରମାନେ ଖୁବ୍ ଖାଆନ୍ତି, ହେଲେ  ସ୍ୱଳ୍ପ ଆହାରରେ ସନ୍ତୁଷ୍ଟ  ହୁଅନ୍ତି। ଗାଢ଼ ନିଦରେ  ଶୋଉଥିଲେ  ହେଁ  ସାମାନ୍ୟ ଶବ୍ଦରେ  କୁକୁରମାନେ ଉଠି ସଜାଗ ହୋଇପଡ଼ନ୍ତି। କୁକୁର ପ୍ରଭୁଭକ୍ତ,  ଶାନ୍ତ , ଅନୁଗତ ତଥା ସାହସୀ। କୁହାଯାଏ ଯେ କେତେକ ଗୃହପାଳିତ ଜୀବଜନ୍ତୁଙ୍କୁ ଘରେ ପାଳିବା ଯୋଗୁ ମଣିଷଙ୍କ ମନରେ ରହୁଥିବା  ବିଷାଦ ଭାବ ଦୂର ହୋଇଥାଏ। ମୋ ନିଜ ଜୀବନରେ ବି ମୁଁ  କୁକୁରଙ୍କଠାରୁ ଅନେକ କିଛି ଶିଖିବା ସହ ସେମାନଙ୍କ ପାଇଁ ମୋ ଭିତରେ ଖୁବ୍ ଶ୍ରଦ୍ଧା ରହିଛି। ପ୍ରତିଦିନ ମୁଁ ବିଦ୍ୟାଳୟକୁ ଆସୁଥିବା ବାଟରେ ଏକାଧିକ କୁକୁରଙ୍କୁ ବିସ୍କୁଟ ଖାଇବାକୁ ଦେଇଥାଏ। ମୁଁ ଦେଖେ ପ୍ରତିଦିନ ସେମାନେ ମୋ ଆସିବାକୁ ଅପେକ୍ଷା କରି ରହିଥାନ୍ତି। ଏ ଅଭ୍ୟାସ ମୋର ଆଜକୁ ପ୍ରାୟ ୧୫ବର୍ଷ ହେବ। ଏଥିରେ ମୋତେ ଖୁବ୍ ଆତ୍ମସନ୍ତୋଷ ମିଳୁଛି।

**ସ୍କୁଲ ବୟସରୁ ଏମିତି ସେବା କରୁଛି : - ଚିନ୍ମୟୀ ଭୂୟାଁ**। ସେ ଜଣେ ୱାର୍ଲଡ ପୋଲିସ ଆଣ୍ଡ ଫାୟାର ଗେମ୍ସର ଗୋଲ୍ଡ ମେଡାଲିଷ୍ଟ। କିନ୍ତୁ ବୁଲା କୁକୁରଙ୍କ ପାଇଁ ତାଙ୍କ ଭିତରେ ରହିଛି ଖୁବ୍ ଦରଦ। ସେମାନଙ୍କୁ କେବଳ ଖାଇବାକୁ ଦିଅନ୍ତି ନାହିଁ କାହାର କିଛି ଶାରିରୀକ ସମସ୍ୟା ହେଲେ ବି ସେବା ଦେବାରେ ଆଗଭର ହୋଇଥାନ୍ତି। ବୁଲା କୁକୁରଙ୍କ ସାଥୀ ପାଲଟିଥିବା ଚିନ୍ମୟୀ କୁହନ୍ତି, 'ଆମ ଘର ଭଦ୍ରକ ଜିଲାର ବନ୍ତରେ। ମାତ୍ର ଭୁବନେଶ୍ୱରରେ ମୋର ଜନ୍ମ। ଏଠାରେ ପିଲାଟି ଦିନରୁ ରହିଛି। ଘରେ ମୋ ମା' ବୁଲାଷଣ୍ଢ, କାଉ, ବୁଲା କୁକୁର  ଆଦି ଜୀବଜନ୍ତୁଙ୍କୁ  ପ୍ରତିଦିନ କିଛିକିଛି ଖାଦ୍ୟ ଖାଇବାକୁ ଦେଉଥିଲେ । ସେସବୁ ଦେଖି ମୋତେ ବହୁତ ଖୁସି ଲାଗୁଥିଲା। ସମୟକ୍ରମେ ସ୍କୁଲ ବୟସରୁ ମୁଁ ମଧ୍ୟ ବିଭିନ୍ନ ବୁଲାକୁକୁର ଓ ଗୋରୁଙ୍କୁ ଖାଦ୍ୟ ଖାଇବାକୁ ଦେଲି। ଏମିତିରେ କରୋନା-୧୯ ସମୟରେ ବିଭିନ୍ନ ବୁଲା ଗୋରୁ ଓ କୁକୁରମାନଙ୍କ ଅସୁସ୍ଥ ଅବସ୍ଥା ଦେଖି ସେମାନଙ୍କର ସେବା କରିଥିଲି। ଏବେ ପ୍ରତିଦିନ ପ୍ରାୟ ୩୮ଟି ବୁଲାକୁକୁରଙ୍କୁ ବିଭିନ୍ନ ସ୍ଥାନରେ ଖାଦ୍ୟ ଖାଇବାକୁ ଦେଉଛି। ମୋତେ ଲାଗେ ଏମାନେ ଆମ ଜୀବନର ଏକ ଅଂଶ । ପ୍ରାଣୀଙ୍କୁ ଭଲ ପାଉଥିବାରୁ ପିଲାଟି ଦିନରୁ ନିରାମିଷ ଖାଉଛି । ପୋଲିସ କୋଚ୍ ଭାବେ ଡିଏସ୍‌ୱାଇଏସ୍(କ୍ରୀଡ଼ା ଓ ଯୁବସେବା ବିଭାଗ)ରେ କାର୍ଯ୍ୟରତ ଅଛି।

କେବଳ ଏମାନେ ନୁହନ୍ତି ଏମାନଙ୍କ ପରି ଆହୁରି ଅନେକ ଲୋକ ଅଛନ୍ତି ଯେଉଁମାନେ ବୁଲା କୁକୁରଙ୍କୁ ବେସାହାରା ଭାବନ୍ତି ନାହିଁ, ଭାବନ୍ତି ତାଙ୍କର ବନ୍ଧୁ। **-ବନବିହାରୀ ବେହେରା, ଲୋକନାଥ ମିଶ୍ର**





# ମିଲିୟନେୟର କୁକୁର


ତ୍ରବଲ


ଗୁନ୍ଥର ୬

**ପୋଷା କୁକୁର ବେଶ୍ ବିଶ୍ୱସ୍ତ । ଦୁଃଖସୁଖର ସାଥୀ ବି ହୋଇଥାନ୍ତି । ନିଜ ଲୋକ ପର ହୋଇପାରନ୍ତି, ହେଲେ ପୋଷା କୁକୁର କେବେ ଧୋକା ଦେଇ ନ ଥାଏ । ପାଖେ ପାଖେ ସବୁ ସମୟରେ ରହେ । ସେଇଥିପାଇଁ ତ କେତେଜଣ ଧନିକ ବ୍ୟକ୍ତି ମୃତ୍ୟୁ ପୂର୍ବରୁ ନିଜର ସମସ୍ତ ସମ୍ପତ୍ତି କରିଦେଇଛନ୍ତି ନିଜ ପୋଷା କୁକୁର ନାଁରେ । ଆଉ ସେହି କୁକୁରସବୁ ପାଲଟିଯାଇଛନ୍ତି ମିଲିୟନେୟର...**

..............................

**ଗୁନ୍ଥର ୬:** ଗୁନ୍ଥର ୬ ଏକ ଜର୍ମାନ ଶେଫର୍ଡ ପ୍ରଜାତିର କୁକୁର । ଦେଖିବାକୁ ସାଧାରଣ ଲାଗୁଥିଲେ ହେଁ ଏହା ହେଉଛି ପୃଥିବୀର ସବୁଠାରୁ ଧନୀ କୁକୁର । ଏହାର ସମ୍ପତ୍ତି କେତେ ଜାଣିଲେ ହୁଏତ ଅନେକଙ୍କ ମୁଣ୍ଡ ବୁଲାଇଯିବ । ବିଶ୍ୱାସ ହେବନି କୁକୁର କ'ଣ କେବେ ଏତେ ସମ୍ପତ୍ତିର ମାଲିକ ହୋଇପାରେ ! ଗୁନ୍ଥର ୬ର ହେଉଛି ୫୦୦ ମିଲିୟନ ଡଲାର ସମ୍ପତ୍ତିର ମାଲିକ । ଆଉ ଏକ ରୋଚକ କଥା ହେଉଛି, ଗୁନ୍ଥର ୬ ଏହି ସମ୍ପତ୍ତିର ମାଲିକାନା ତା'ର ଜେଜେବାପା ଗୁନ୍ଥର ୪ଠାରୁ ପାଇଛି । ଗୁନ୍ଥର ୪ ଜର୍ମାନୀର କାଉଣ୍ଟେସ୍ କାର୍ଲୋଟା ଲିବେନଷ୍ଟିନଙ୍କର ପୋଷା କୁକୁର ଥିଲା । କାର୍ଲୋଟାଙ୍କର ସେ ଏତେ ପ୍ରିୟ ଥିଲା ଯେ, ମୃତ୍ୟୁ ପୂର୍ବରୁ ସେ ନିଜର ସବୁ ସମ୍ପତ୍ତିର ମାଲିକାନା ଗୁନ୍ଥର ୪ ନାଁରେ କରିଦେଲେ । ଗୁନ୍ଥର ୪ ଆଜୀବନ ସେହି ସମ୍ପତ୍ତିକୁ ଭୋଗ କଲା । ଏବେ ତା'ର ନାତି ଗୁନ୍ଥର ୬ ଏହି ସମ୍ପତ୍ତିର ମାଲିକ ସାଜିଛି । ଆଉ ଜିଉଛି ଏକ ବିଳାସମୟ ଜୀବନ । ଗୁନ୍ଥର ୬ ନାଁରେ ଏକ ବିଳାସମୟ ବିରାଟ ମାନସନ୍ ଅଛି । ସେ ପ୍ରାଇଭେଟ୍ ଜେଟ୍‌ରେ ଯାତ୍ରା କରେ । ବଡ଼ ବଡ଼ କୁଜିନ୍‌ରେ ଖାଏ । ତା'ର ସମ୍ପତ୍ତିକୁ ଦେଖାରଖା ଓ ବଢାଇବା ପାଇଁ ପେସାଦାର ଟିମ୍ ଅଛନ୍ତି ।

**ଟବି ରାଇମ୍ସ:** ଦେଖିବାକୁ ଭାରି କ୍ୟୁଟ୍ ଏହି କୁକୁର । ଏହା ଏକ ରାଜକୀୟ କୁକୁର ଓ ଟବି ୧ ନାମକ କୁକୁରର ବଂଶଜ । ଟବି ୧କୁ ଧନିକ ମହିଳା ଏଲା ୱେଣ୍ଡେଲ ପାଳିଥିଲେ । ଟବିକୁ ସେ ଏତେ ଭଲ ପାଉଥିଲେ ଯେ ତାକୁ ସବୁ ଲକ୍ସୁରୀ ପ୍ରଦାନ କରୁଥିଲେ । ଟବିର ଯାହା ପସନ୍ଦ ଥିଲା ତା ପାଇଁ ଆଣି ଦେଉଥିଲେ । ଏମିତି କି ଦେହାନ୍ତ ପର୍ବରୁ ସେ ନିଜର ସବୁ ସମ୍ପତ୍ତି ପ୍ରିୟ ଟବି ନାଁରେ କରିଦେଲେ । ଖାଲି ଟବି ନୁହେଁ ଟବିର ପରବର୍ତ୍ତୀ ପିଢି ବି ଯେମିତି ଏହ ସମ୍ପତିକୁ ଭୋଗ କରିପାରିବେ ସେ ବ୍ୟବସ୍ଥା କରିଦେଲେ । ଫଳରେ ଟବିର ପର ପିଢି ମଧ୍ୟ ଏଲାଙ୍କ ସମ୍ପତ୍ତିକୁ ଭୋଗ କରୁଛନ୍ତି । ତାଙ୍କ ସମ୍ପତ୍ତିର ମୂଲ୍ୟ ୯୨ ମିଲିୟନ ଡଲାର । ନ୍ୟୁୟର୍କ, ମାନହଟନର ଏକ ବିଳାସମୟ ଘରେ ସେ ରହୁଛି । ସବୁଦିନ ରାତିରେ ସେ ନିକଟସ୍ଥ ରେଷ୍ଟୁରାଣ୍ଟରେ ସ୍ୱାଦିଷ୍ଟ ଖାଦ୍ୟ ଖାଏ ଓ ଘରକୁ ଫେରି ଆରାମଦାୟକ ବିଛଣାରେ ଶୁଏ ।


ଟବି ରାଇମ୍ସ


କୋଞ୍ଚିତା

**ଓପ୍ରା ୱିନଫ୍ରେଙ୍କ କୁକୁର:** ଆମେରିକାର ସୁପ୍ରସିଦ୍ଧ ଟକ୍ ଶୋ'ହୋଷ୍ଟ ଓପ୍ରା ୱିନ ଫ୍ରେଙ୍କର ଅଛି ସାଡି, ସନି, ଲୌରେନ, ଲୈଲା ଓ ଲ୍ୟୁକ ନାମରେ ୫ଟି କୁକୁର । ଓପ୍ରାଙ୍କର ନିଜର ସନ୍ତାନ ନାହାନ୍ତି । ତେଣୁ ଏହି ପାଞ୍ଚୋଟି କୁକୁର ତାଙ୍କ ପାଇଁ ନିଜ ସନ୍ତାନ ପରି । କେହି ଯଦି ତାଙ୍କୁ କୁକୁର କୁହନ୍ତି ସେ ସହିପାରନ୍ତି ନାହିଁ । ସେ କୁହନ୍ତି, 'ଏମାନେ କୁକୁର ନୁହନ୍ତି ମୋ ସନ୍ତାନ । ଏମାନଙ୍କ ପାଖରେ ମୁଁ ସବୁ ଖୁସି ପାଏ ।' ଓପ୍ରା ସେଥିପାଇଁ ନିଜର ଏହି ସନ୍ତାନସଦୃଶ ପ୍ରତି କୁକୁର ନାଁରେ ୩୦ ମିଲିୟନ ଡଲାର ରଖିଛନ୍ତି, ଯାହାକୁ ଓପ୍ରାଙ୍କ ଦେହାନ୍ତ ପରେ ତାଙ୍କ ପୋଷା କୁକୁରମାନେ ଭୋଗ କରିବେ ।

**ତ୍ରବଲ:** ଲିଓନା ହେଲ୍ମସଲି ଥିଲେ ଆମେରିକାର ଜଣେ ପ୍ରତିଷ୍ଠିତ ମହିଳା ବ୍ୟବସାୟୀ । ଆମେରିକାର ଏକ ହୋଟେଲ ଚେନ୍‌ର ମାଲିକାଣୀ ସେ ଥିଲେ । ଧନସମ୍ପତ୍ତି ସବୁ ଥିଲା । ହେଲେ ନିଜ ଲୋକଙ୍କ ଭଲ ପାଇବା ସେ ପାଉ ନ ଥିଲେ । ତେଣୁ ତାଙ୍କର ସବୁଠୁ ପ୍ରିୟ ଥିଲା ପ୍ରିୟ କୁକୁର ତ୍ରବଲ । ୨୦୦୭ରେ ଯେବେ ଲିଓନାଙ୍କର ମୃତ୍ୟୁ ହେଲା ସେ ନିଜର ସବୁ ସମ୍ପତ୍ତି ପ୍ରାୟ ୧୨ ମିଲିୟନ ଡଲାର ନିଜ ପ୍ରିୟ କୁକୁର ନାଁରେ କରିଦେଲେ । ତ୍ରବଲ ଏକ ବିଳାସମୟ ଜୀବନ ଜିଇଲା । ଲିମୋଜିନ୍‌ରେ ଯିବା ଆସିବା କରିବା ସହ ଭଲ, ସ୍ୱାଦିଷ୍ଟ ଖାଦ୍ୟ ଖାଇଲା । ହେଲେ ଏହି ଘଟଣା ଯୋଗୁ ଲିଓନାଙ୍କ ପରିବାର ଲୋକେ ବହୁତ ରାଗିଗଲେ । ସମ୍ପତ୍ତିର ମାଲିକାନା ପାଇବା ପାଇଁ ଆଇନର ସହାୟତା ନେଲେ । ଶେଷରେ ଜଜ୍ ନିଷ୍ପତ୍ତି ନେଲେ ଯେ ଇଚ୍ଛାପତ୍ର ଲେଖିବାବେଳେ ଲିଓନାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା । ସେଥିପାଇଁ ସେ ତ୍ରବଲର ସମ୍ପତ୍ତି ୨ ମିଲିୟନକୁ କମାଇଦେଲେ । ୨୦୧୧ରେ ତ୍ରବଲ ମୃତ୍ୟୁବରଣ କଲା ।

**କୋଞ୍ଚିତା:** କୋଞ୍ଚିତା ଏକ ଚିହୁଆହୁଆ ପ୍ରଜାତିର କୁକୁର । ଏହା ଆମେରିକାର ଧନିକ ମହିଳା ଗେଲ୍ ପୋସନର୍‌ଙ୍କର ପୋଷା କୁକୁର । ହେଲେ ୨୦୧୦ରେ ଯେବେ ଗେଲ୍ ମୃତ୍ୟୁବରଣ କଲେ ପ୍ରିୟ ପୋଷା କୁକୁର କୋଞ୍ଚିତା ନାଁରେ ୩ ମିଲିୟନ ଡଲାର ଓ ମିଆମି ବିଚ୍‌ରେ ଥିବା ୮ ମିଲିୟନ ଡଲାରର ମାନ୍‌ସନ କରିଦେଲେ । କାରଣ ସେ ଚାହୁଁଥିଲେ ତାଙ୍କ ମୃତ୍ୟୁ ପରେ ତାଙ୍କ ପ୍ରିୟ କୁକୁର ପୂର୍ବଭଳି ଭଲ ଜୀବନ ଜିଉ । ଯଦ୍ୱାରା କୋଞ୍ଚିତା ଏକ ବିଳାସମୟ ଜୀବନ ଜିଇଲା । ମୋତିର ଗହଣା ସହ ଡିଜାଇନର୍ ଆଉଟଫିଟ୍ ପିନ୍ଧୁଛି ଓ ବ୍ରାଣ୍ଡେଡ୍ ବ୍ୟାଗ କ୍ୟାରି କରୁଛି ।



ଓପ୍ରା ୱିନଫ୍ରେଙ୍କ କୁକୁର:





# ଭିଡ଼ ଭିତରେ ଭିନ୍ନ ମଣିଷ : ବିନୋଦ କୁମାର ପଶାୟତ

**୨୦୨୫ ଅଗଷ୍ଟ ୨୦ ତାରିଖ ବୁଧବାର ସକାଳେ ଚିରନିଦ୍ରାରେ ଶୋଇପଡ଼ିଲେ ଅଜସ୍ର ଲୋକପ୍ରିୟ ସମ୍ବଲପୁରୀ ଗୀତର ଗୀତିକାର ଓ ଅନେକ ସଫଳ ମଞ୍ଚ ନାଟକର ନାଟ୍ୟକାର ପଦ୍ମଶ୍ରୀ ବିନୋଦ କୁମାର ପଶାୟତ। ସେହି ମହାନ୍ ସ୍ରଷ୍ଟାଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଏହି ଆଲେଖ୍ୟ...**

**୨୦୦୭** ମସିହାର କଥା। ସମ୍ବଲପୁର ସହରର ସବୁଠାରୁ ଜନାକୀର୍ଣ୍ଣ ସ୍ଥାନ ବୈଦ୍ୟନାଥ ଛକ। ସକାଳୁ ସକାଳୁ ରାସ୍ତାର ଦୁଇ କଡେ ପରିବା ଦୋକାନୀମାନଙ୍କର ଭିଡ, ହୋହଲ୍ଲା, ପାଟିତୁଣ୍ଡ, ପଚା ନର୍ଦ୍ଦମାର ଗନ୍ଧ। ଠିକ୍ ସେହି ସ୍ଥାନରେ ରହିଛି ସେଲୁନଟିଏ। ସେଲୁନ ଭିତରେ ପାଞ୍ଚ ସାତଜଣ। ବାହାରୁ ଦେଖିଲେ ସବୁ ସେଲୁନ ପରି ଏହି ସେଲୁନ ମଧ୍ୟ ମନେ ହେବ ଏକ ସାଧାରଣ ସେଲୁନ ଭଳି। କିନ୍ତୁ ଥରେ କେହି ସେହି ସେଲୁନ ଭିତରକୁ ପ୍ରବେଶ କଲେ ଜାଣିପାରିବେ ଯେ ତାହା ସାଧାରଣ ସେଲୁନ ନୁହେଁ। କାନ୍ଥକୁ ଲାଗି ରହିଥିବା ଗୋଟିଏ ପାଖର କାଚ ଆଲମାରିରେ ଥାକ ଥାକ ବହି, ବିରଳ ପତ୍ରପତ୍ରିକା ଓ କ୍ୟାସେଟର ସଂସାର। ଆଶ୍ଚର୍ଯ୍ୟ... ! ସେଲୁନ ଭିତରେ ବହିର ବିପଣୀ... ! ଏତେ ପାଟିତୁଣ୍ଡ ହୋହଲ୍ଲା ଭିତରେ ସେହି ସେଲୁନ ଯେପରି ଏକ ଭିନ୍ନ ଜଗତ। ସେଲୁନ ଭିତରେ ସତୁରି ବର୍ଷ ବୟସ୍କ, ପତଳା କେଶ, ଶ୍ୟାମଳ ରଙ୍ଗ, ଡେଙ୍ଗା, ପରିଷ୍କାର ଧଳା ଧୋତି ଓ ପଞ୍ଜାବୀ ପିନ୍ଧା ଜଣେ ବ୍ୟକ୍ତି କେଶ କର୍ତ୍ତନରେ ମଗ୍ନ। କେଶ କାଟୁକାଟୁ ଅପେକ୍ଷାରତ ବ୍ୟକ୍ତିମାନଙ୍କ ସହିତ ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚାରେ ବିଭୋର ସେ। ସେଲୁନଟି ଯେପରି ଏକ ଭିନ୍ନ ଜଗତ, ଆଉ ତାହାର ମାଲିକ ମଧ୍ୟ ଠିକ୍ ସେହିପରି ମଣିଷମାନଙ୍କର ଭିଡ଼ ଭିତରେ ଜଣେ ଭିନ୍ନ ମଣିଷ। ଆଉ ସେହି ନିଆରା ମଣିଷ ଜଣକ ହେଉଛନ୍ତି ଜଣେ ଅସାଧାରଣ ପ୍ରତିଭାବାନ କବି, ଲେଖକ, ନାଟ୍ୟକାର, ଗୀତିକାର ଏବଂ ସୁବକ୍ତା **ପଦ୍ମଶ୍ରୀ ବିନୋଦ କୁମାର ପଶାୟତ**। ମାତ୍ର ଦଶ ବର୍ଷ ବୟସରୁ ନାଟ୍ୟ ଜଗତରେ ପ୍ରବେଶ କରି ବଲାଙ୍ଗୀର ରାଜ ପରିବାରର ପୃଷ୍ଠପୋଷକତାରେ ଗଢି ଉଠିଥିବା ବିଖ୍ୟାତ 'ରାମ୍ଜୀ ନାଟକ ପାର୍ଟି'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଗୁରୁ ଗଣେଶ ଚନ୍ଦ୍ର ବେହେରା ଏବଂ ସୁନାମଧନ୍ୟ କଳାକାର ବାଲାମଣି ପଟେଲଙ୍କ ନିର୍ଦ୍ଦେଶନାରେ ସେ ପ୍ରଥମେ ଶିଶୁ କଳାକାର ଭାବରେ ଏବଂ ପରେ ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରି ସର୍ବସାଧାରଣରେ ଜଣେ ଉତ୍କୃଷ୍ଟ କଳାକାର ଭାବରେ ପରିଚିତ ହୋଇପାରିଥିଲେ। କିଛି ବର୍ଷ ପରେ ବଲାଙ୍ଗୀର ପରିତ୍ୟାଗ କରି ସମ୍ବଲପୁରକୁ ଆସି ସମ୍ବଲପୁରର ସ୍ଥାୟୀ ବାସିନ୍ଦା ପାଲଟିଗଲେ।

ସମ୍ବଲପୁରରେ ସମ୍ବଲପୁରୀ ମ୍ୟୁଜିକ ଆସୋସିଏଶନ ସହିତ ସମ୍ପୃକ୍ତି ତାଙ୍କ ଜୀବନରେ ଏକ ନୂତନ ପରିଚୟ ଆଣିଦେଇଥିଲା। ସମ୍ବଲପୁରୀ ଲୋକଗୀତ ଓ ଲୋକ ସଂସ୍କୃତିକୁ ସମ୍ମାନଜନକ ସ୍ଥିତି ଦେବାପାଇଁ ସେ ଗୀତ ରଚନା ଆରମ୍ଭ କରିଥିଲେ ଏବଂ ତାଙ୍କର ରଚିତ ଗୀତ ସବୁ ୧୯୫୯ ମସିହାରୁ ଆକାଶବାଣୀ କଟକ, ଆକାଶବାଣୀ ସମ୍ବଲପୁର, ବିବିଧ ଭାରତୀ ଦିଲ୍ଲୀ ଓ ରାୟପୁର, ବିବିସି ଲଣ୍ଡନ ଏବଂ ରେଡିଓ ମସ୍କୋ କେନ୍ଦ୍ରରୁ ପ୍ରସାରିତ ହେବାକୁ ଲାଗିଲା। ତାଙ୍କ ରଚିତ ରାଶି ରାଶି ଶ୍ରୁତି ମଧୁର ଗୀତ ତାଙ୍କୁ ଜଣେ ବିଶିଷ୍ଟ ଗୀତିକାର ଭାବରେ ପ୍ରତିଷ୍ଠିତ କରାଇଥିଲା। ବିନୋଦ ପଶାୟତଙ୍କ ରଚନାରେ ପୂରି ରହିଥାଏ ଗ୍ରାମ୍ୟ ଜୀବନର ଯେତେକ କଥା ଓ ଲଥା, ଅଭାବୀ ସଂସାରର ସୁଖ ଦୁଃଖର ସ୍ୱର। ଏତଦ୍‌ବ୍ୟତୀତ ବେଶ୍ ଉଦାର ରସିକପଣ ଏବଂ ସର୍ବୋପରି ଲୋକସଂସ୍କୃତିରେ ମଣିଷର ମନକୁ ଯୋଡିବାର ପ୍ରୟାସ। ବେତାର ତଥା ବିରଳ ଗ୍ରାମ୍‌ଫୋନ ରେକର୍ଡ ସବୁରେ ତାଙ୍କ ରଚିତ ଅନେକ ସମ୍ବଲପୁରୀ ଗୀତର ମୁଖୁଡା ଆଜି ମଧ୍ୟ ଲୋକମୁଖରେ ଅନୁରଣିତ। ସମ୍ପ୍ରତି ସମ୍ବଲପୁରୀ ତଥା ଆଧୁନିକ ଓଡ଼ିଆ କ୍ୟାସେଟ ଓ ଆଲବମ୍‌ରେ ମାତ୍ରାଧିକ ଅପସଂସ୍କୃତିର ପ୍ରବେଶ, ବିକୃତୀକରଣ, ଅଶ୍ଳୀଳତା ହୁଏତ କିଛି ଗୀତିକାରଙ୍କୁ ସାମୟିକ ଲୋକପ୍ରିୟତା ଆଣିଦେଇଛି, କିନ୍ତୁ ପଶାୟତଙ୍କ ମତରେ, ''ଏସବୁ ଶସ୍ତା ଲୋକପ୍ରିୟ ସଙ୍ଗୀତର ପରମ୍ପରା ଅଚିରେ ବିସ୍ମୃତି ଗର୍ଭରେ ହଜିଯିବ। ଅଟଳ ପଥର ପରି ପଡ଼ି ରହିଥିବ ପୁରୁଣା ଦିନର ଗୀତ ସବୁ–ଠିକ୍ ପ୍ରାଣପ୍ରିୟା ପରି।'' ତାଙ୍କ ରଚିତ ପ୍ରତ୍ୟେକଟି ଗୀତ ପାହାଡି ଝରଣା ପରି ଛଳ ଛଳ, ଆବେଗରେ ପ୍ରାଣମୟ ତଥା ମାଟିର ବାସ୍ନାରେ ମହମହ। ତାଙ୍କ ଗୀତର ଲାଳିତ୍ୟପୂର୍ଣ୍ଣ ମାଧୁର୍ଯ୍ୟରେ ବିମୋହିତ ହୋଇ ଶ୍ରୋତା ମନକୁ ମନ କହି ଉଠେ– ବିନୋଦ ପଶାୟତ ବେତାର ଜଗତର ବେତାଜ ବାଦଶାହ।

ବିନୋଦ ପଶାୟତଙ୍କର କେତୋଟି ଲୋକପ୍ରିୟ ଗୀତ ମଧ୍ୟରେ ରହିଛି: ହାୟ କୃଷ୍ଣ ହାୟ କୃଷ୍ଣ ବୋଲି ଯାଉ ମୋର ଜୀବନ (କୃଷ୍ଣ ଗୁରୁ), ଗଲା ରାତି ଝୁମରାର ସୁରେ, ଏ ନନୀ ସୁଲୋଚନା, କଳା କଳା ବାଇଗନ, ବାଜୁଛେ ମାଦଲ ଏ ବଉଲ (ଚଳଚ୍ଚିତ୍ର– ସମର୍ପଣ), ଉଡେଇ ମାଏଲି ଲିଟି, ରଥର ଚକା ଚାଲେ ଘିରି ଘିରି, ଗଲା ମାଲିରେ ଆଚ୍ଛା ବିଦେଶୀ ହେଲି, ବୋଇଲେ ରାଧିକା ଶୁଣଲୋ ଦୂତିକା (ବଜନିଆ), ଗୋପୁଁ ଗୋପର ବାଲି ହେଲେ ବାହାର (ଦଣ୍ଡ), ସଭାକେ ବିଜୟ ହେଲେ ଅବୁଝା ରଜା (ଦୁଆରି), ସୁରୁବାଲିରେ ମୋର ବିରହୀ ଲହ ବାଲେ ଆଁଟେ (ବିହା ଗୀତ)।

**ସମ୍ବଲପୁରୀ ନାଟ୍ୟ ଆନ୍ଦୋଳନର ଅନ୍ୟତମ ପୁରୋଧା :**

ଯେତେବେଳେ ଦର୍ଶକ ପ୍ରାୟତଃ ମଞ୍ଚ ବିମୁଖ, ସିନେମାର ରୂପେଲି ପରଦା ଏବଂ କ୍ରମଶଃ ଟେଲିଭିଜନ ଦର୍ଶକଙ୍କୁ ବିଭୋର କରି ରଖିଛି, ସେତେବେଳେ ବିନୋଦ ପଶାୟତଙ୍କ ଲେଖନୀରୁ ଜନ୍ମ ନେଲା 'ଉଖି' ନାଟକ। ପ୍ରଥମଥର ପାଇଁ ଯେତେବେଳେ 'ସୃଷ୍ଟି' ନାଟ୍ୟ ସଂସ୍ଥା ସମ୍ବଲପୁର ଦ୍ୱାରା ଏହି ନାଟକ ସମ୍ବଲପୁରଠାରେ ମଞ୍ଚସ୍ଥ ହେଲା, ପ୍ରଥମ ରଜନୀରୁ ହିଁ ଏଭଳି ବିରଳ ଲୋକପ୍ରିୟତା ଅର୍ଜନ କଲା ଯେ, ଶତାଧିକ ଦର୍ଶକ ଟିକେଟ ନ ପାଇ ଦ୍ୱିତୀୟ ଦିନ ଫେରି ଯାଇଥିଲେ। ଫଳତଃ ପୁଣି ତୃତୀୟ ଦିନ ଅଭିନୀତ ହୋଇଥିଲା ଏହି ନାଟକ। ପରବର୍ତ୍ତୀ କାଳରେ କଲ୍‌ଚରାଲ ଏକାଡେମୀ, ରାଉରକେଲାର ଲୋକ ନାଟକ ମହୋତ୍ସବ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇ ଅଭୂତପୂର୍ବ ସଫଳତା ହାସଲ କରିଛି ଏହି ନାଟକ। ଏହି ସଫଳତାର କାରଣ ନାଟକର ବଳିଷ୍ଠ କାହାଣୀ, ଚରିତ୍ର ଚିତ୍ରଣ, ସଂଳାପ, ଶ୍ରୁତି ମଧୁର ଗୀତ ତଥା ମାନବିକ ମୂଲ୍ୟବୋଧ ପ୍ରତି ନାଟ୍ୟକାରଙ୍କର ଅଭୂତପୂର୍ବ ଆକର୍ଷଣ। ଗ୍ରାମ୍ୟ ଜୀବନର ବିଭିନ୍ନ ଚିତ୍ରକୁ ତଳେଇ ଦେଖିପାରିବାର ଏକ ବିରଳ ଦୃଷ୍ଟି ତାଙ୍କ ପାଖେ ଥିବାରୁ ଏହି ନାଟକଟି ଦର୍ଶକଙ୍କୁ ଏତେ ଗଭୀର ଭାବରେ ସ୍ପର୍ଶ କରିଥିଲା। ଶୋଷଣ ନାଟକର ମୂଳ କଥା, ତେବେ ସେହି ବିଷୟକୁ ଉପସ୍ଥାପନ କରିବାରେ ନାଟ୍ୟକାରଙ୍କର କଳାକୁଶଳତା ଅପୂର୍ବ। ଉଖି ନାଟକର ଅଭୂତପୂର୍ବ ସଫଳତା ନାଟ୍ୟକାର ବିନୋଦ ପଶାୟତଙ୍କୁ ନାଟକ ରଚନା କ୍ଷେତ୍ରରେ ଅଧିକ ବ୍ରତୀ କରାଇଥିଲା। ଚୁଟକୁ ଚୁଟା, ମୁଇଁ ନାଇଁ ମରେଁ, ଅଲାର, ଆଦିଅନ୍ତ, ବୁଡିଗଲା ଗୋଡ଼ ତଲକେ ତଲକେ, ମହାଭାରତର ଛେଦଲି ପରବ, ଲିତା ଚିନହା, ଭରନା, ଠହରବା, ଲୁକେ କାଁ ବଲବେ, ଆସ ପାଁଡେ ନିଏ କର ପ୍ରଭୃତି ଅଜସ୍ର ନାଟକର ସ୍ରଷ୍ଟା ବିନୋଦ ପଶାୟତ ଆଜି ସମ୍ବଲପୁରୀ ନାଟକ ଜଗତରେ ଏକ ସମ୍ମାନସ୍ପଦ ନାମ। ସେ ଖୁବ୍ ଭଲ ଭାବରେ ବୁଝିଥିଲେ ଯେ, ଯେଉଁ ସ୍ୱପ୍ନ ମଣିଷ ବଞ୍ଚିବା ପାଇଁ ଦେଖିବା କଥା, ସେହି ସ୍ୱପ୍ନ ଅଳିକ ହୋଇ ଯାଉଛି। ଅନେକ କ୍ଷେତ୍ରରେ ଯେପରି ଅଭିନୟ ସହିତ ମଞ୍ଚର ଦୃଶ୍ୟପଟର ସାମଞ୍ଜସ୍ୟ ହଜିଯାଏ, ମଣିଷ ସହିତ ମଧ୍ୟ ତାହାର ସାମଞ୍ଜସ୍ୟ ହଜିଯାଏ। ତେଣୁ ନାଟ୍ୟକାର ପଶାୟତ ତାଙ୍କ ନାଟକ ମାଧ୍ୟମରେ ଏକ ଅନ୍ତରଙ୍ଗ କ୍ଷେତ୍ର ତିଆରି କରିବାର ପ୍ରୟାସ ଅନବରତ କରିଛନ୍ତି। ତାଙ୍କ ରଚିତ ପ୍ରତିଟି ନାଟକରେ ସାମାଜିକ ପ୍ରତିବଦ୍ଧତା ବେଶ୍ ସ୍ପଷ୍ଟ। ମଣିଷ ଭିତରେ ଥିବା ପଶୁତ୍ୱକୁ, ମନର ଘନ ଅନ୍ଧକାରକୁ ଉପସ୍ଥାପନ କରି ତାକୁ ମାନବିକତା ଆଡ଼କୁ ଉନ୍ମୁଖ କରାଇବା ତାଙ୍କ ନାଟକଗୁଡ଼ିକର ନିହିତ ଦର୍ଶନ। ଯେହେତୁ ପ୍ରତିଟି ନାଟକରେ ସାମାଜିକ ଅଙ୍ଗୀକାରବଦ୍ଧତାକୁ ସେ ଗୁରୁତ୍ୱ ଦେଇଛନ୍ତି ତେଣୁ ତାଙ୍କ ନାଟକଗୁଡ଼ିକର ଉପାଦାନରେ ସମାଜ ଓ ଜୀବନକୁ ଉପସ୍ଥାପନ କରୁ କରୁ ଏକ ନୂତନ ଅର୍ଥ ଖୋଜିବାର ପ୍ରୟାସ କରିଛନ୍ତି ଅହରହ। ସାମାଜିକ ଅନ୍ତର୍ଦୃଷ୍ଟି ଓ ଗଭୀର ଜୀବନବୋଧ ତାଙ୍କ ନାଟକଗୁଡ଼ିକର ଅନ୍ୟତମ ବୈଶିଷ୍ଟ୍ୟ।

ଅଜସ୍ର ଗୀତର ଗୀତିକାର, ଶତାଧିକ ବେତାର ନାଟକ, ଗୀତିନାଟ୍ୟ ଓ ମଞ୍ଚ ନାଟକର ସ୍ରଷ୍ଟା ବିନୋଦ ପଶାୟତ ବହୁ ଅନୁଷ୍ଠାନ ସହିତ ସମ୍ପୃକ୍ତ। ସେ ଜଣେ ସୁବକ୍ତା ମଧ୍ୟ। ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଏହି ନିରହଙ୍କାରୀ କଳାକାରଙ୍କୁ ଭାରତ ସରକାର 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରିଛନ୍ତି ।

**–ପ୍ରଦୀପ କୁମାର ରାୟ,** ଭୁବନେଶ୍ୱର
ମୋ: ୯୪୩୭୫୩୪୭୭୩





# ଚିଠି

– ନୃସିଂହ ତରାଇ

ମୋର ମନେ ଅଛି
ତମ ଚିଠି ହିଁ
ସେଇ ସବୁ ସମୟରେ
ନିବିଡ଼ କରିଦେଉଥିଲେ
ତମ ସହ ମୋତେ।
ଖୁବ୍ ଅପେକ୍ଷା ରହୁଥିଲା
ରାତି ପାହିବାକୁ
ସକାଳରୁ ଦ୍ୱିପହର ହେବାକୁ।
ଠିକ୍ ଅପରାହ୍ନରେ
ତମେ ଆସୁଥିଲ
ତମ ଚିଠି ଭିତରେ
ଅବିକଳ ରଙ୍ଗ ନେଇ
ଡାକି ଡାକି–
ଏଇ ତ ମୁଁ ଆସିଗଲି।
ସେଇ ମିଠା ମିଠା ହସ
ଛଳ ଛଳ ଚାହାଣି
ଧୀର ପଦପାତ ଯେମିତି
ଚିଠିରେ ଚିଠିରେ।
ସବୁଥର ପରି
ଏଥର ବି ଲେଖାଥିଲା
ସେଇ ସମ୍ବୋଧନ,
ଓ ପଚାରିଥିଲ–
କେମିତି ଅଛ ?
ମୁଁ ମନେପଡ଼େ ନା ନାହିଁ ? ?
ମୁଁ ମନେ ମନେ ହସେ
ଚାରିଚଉତା ଚିଠିକୁ
ଛାତିରେ ଜାବୁଡ଼ି ଧରି
ତମ ମୁହଁକୁ ଆଂକେ
ସେଇ ଚିଠି ଭିତରେ ।

–ପୂର୍ବତଟ ରେଳପଥ, ଭୁବନେଶ୍ୱର
ମୋ: ୭୯୭୮୩୮୧୨୧୩



# ଛାଡ଼ପତ୍ର

– ପବିତ୍ର ବ୍ରହ୍ମପୁତ୍ର ନାୟକ

କନ୍ୟାପିତା ସଫା ସଫା କହିଲେ – ‘‘ଦେଖ ମୁଁ ଏ ପ୍ରସ୍ତାବରେ ରାଜି ନୁହଁ ପିଲା ଭଲ ସତ କିନ୍ତୁ ସେ ସରକାରୀ ଚାକିରି କରିନି, ମୋ ଝିଅ ଡାକ୍ତର ତା’ ସମାନସ୍କନ୍ଦ ପିଲା ହେଲେ ଭଲ। ତା’ଛଡା ପ୍ରକାଶକଙ୍କର କେତେ ରୋଜଗାର, କେମିତି ଚଳେଇବ ସେ ମୋ ଝିଅକୁ। ସମାଜରେ ନାଁ ଥିଲେ କଣ ହେବ, ମୁଁ ଏ ପ୍ରସ୍ତାବରେ ରାଜି ନୁହଁ। ଓଏଏସ୍ ପ୍ରସ୍ତାବ ଯଦି ଅଛି ଦେଖାଅ ନତୁବା ଯାଇପାର’’। ମଧ୍ୟସ୍ଥି ନୂଆ ତହସିଲଦାର ଭାବେ ଜଏନ୍ କରିଥିବା ଏକ ଓଏଏସ୍ ପ୍ରସ୍ତାବ ଦେଖେଇଲା କନ୍ୟାର ପିତାଙ୍କୁ, କନ୍ୟା ପିତା ଆଗ ପଛ କିଛି ବିଚାର ନକରି, ପିଲା ବିଷୟରେ କିଛି ଅନୁସନ୍ଧାନ ନକରି ସାଙ୍ଗେ ସାଙ୍ଗେ ରାଜି ହୋଇଗଲେ ସେଇ ପ୍ରସ୍ତାବରେ। ବିବାହ ସେଇଠି ହେଲା ଝିଅ ଡାକ୍ତରକୁ ଜ୍ୱାଇଁ ତହସିଲଦାର। ଖଣ୍ଡ ମଣ୍ଡଳ କମ୍ପିଗଲା ବାହାଘରରେ। ଯୌତୁକ ବଡ଼ ଟ୍ରକ୍ ଭର୍ତ୍ତି କରି ଦେଲେ କନ୍ୟା ପକ୍ଷ, ସୁନା ଗହଣା ଟଙ୍କା କଉଥିରେ ଊଣା କରାଗଲା ନାହିଁ । ଏହାର ଦୁଇ ମାସ ପରେ ଆରମ୍ଭ ହେଲା ଝଡ଼, ଝିଅ ଜ୍ୱାଇଁଙ୍କ ମଧ୍ୟରେ, ପରସ୍ପର କଥା କଟାକଟି, ସନ୍ଦେହ ଦାନା ବାନ୍ଧିଲା ଉଭୟଙ୍କ ଜୀବନରେ, ମନ ଆଉ ମିଶିଲାନି କାହାର କାହା ସହ। ଝିଅ ଆସି ବାପ ଘରେ ରହିଲା, ଛାଡ଼ପତ୍ର ଆବେଦନ କଲା, ଜ୍ୱାଇଁଙ୍କର କୁଆଡେ ଅନେକ ଝିଅ, ମହିଳାଙ୍କ ସହ ସଂପର୍କ। ହ୍ୱାଟ୍ସଅପ୍ ମେସେଜ, ରାତି ରାତି କଥା ହେବା ତାଙ୍କ ଝିଅ ନିଜ କାନରେ ଶୁଣିଛି । ସାରା ପରିବାର, ସାହି ଭାଇ, ଖଣ୍ଡମଣ୍ଡଳଙ୍କୁ ମୁହଁ ଦେଖେଇବାକୁ ସାହସ ଜୁଟାଇ ପାରୁ ନଥିଲେ ଝିଅର ବାପା। ସରକାରୀ ଚାକିରି, ଓଏଏସ୍ ମୋହରେ ସିଏ ଯେ ନିଜ ଝିଅର ଜୀବନକୁ ନର୍କକୁ ଠେଲି ଦେଇଛନ୍ତି ତାହା ବିଶ୍ୱାସ କରି ପାରୁ ନଥିଲେ।

*– ରାଜନଗର, କେନ୍ଦ୍ରାପଡ଼ା, ମୋ : ୯୭୭୬୩୩୩୩୭୭*

# ଏଇ ବର୍ଷା

– ମମତା ଜେନା

ମେଘ ଦେଖି ଭାରି ଡର ବି ଲାଗୁଛି
ମନରେ ଆସୁଛି ଭୟ
କାହିଁ କେବେ ପୁଣି ଦୂର ମେଘ ପରି
ଦୂରେଇ ନଦେବ କୁହ ?

କିଛିତ କହୁନି ମନ ମୋ ମାରିଛି
ଅନ୍ଧାରକୁ ଚାହିଁ ଚାହିଁ
ଜହ୍ନରାତି କ’ଣ ଭାଗ୍ୟରେ ମୋ ଅଛି
ଫେରିତ ଚାହିଁବି ନାହିଁ।

ବର୍ଷା ଆଉ ଲୁହ, ଲୁହ ଆଉ ବର୍ଷା
ଏକା ପରି ଦିଶେ ମୋତେ
ତମେ ଆଉ ତୁମ ହସ ଆଉ କଥା
ଜଳାଉଛି ମୋତେ କେତେ।

*– ଅଧ୍ୟାପିକା, ଓଡ଼ିଆ ବିଭାଗ*
*କଳାପଥର କଲେଜ, ବାଙ୍କୀ, କଟକ*
*ମୋ: ୮୨୪୯୧୬୬୯୮୮*

# ବାପା

–ଅଶୋକ କୁମାର ବେହେରା

ଦୁଃଖ ବୋଝ ବୋହି ସୁଖ ଦିଏ ବାଣ୍ଟି
ମୁଣ୍ଡ ଝାଳ ତୁଣ୍ଡେ ମାରି
ସଂସାର ଯାତନା ଖାତିର କରେନା
ବୋଝ ଯେତେ ହେଉ ଭାରି।

ଅନ୍ଧାରର ଯିଏ ଆଲୋକବର୍ତ୍ତିକା
ବିଶ୍ୱାସର ବଡ଼ ଦୁର୍ଗ
ସଂସାର ଡଙ୍ଗାର ବଡ଼ ନାଉରିଆ
ବିପଦେ ଥାଆନ୍ତି ଆଗ।

ପେଟର ଭୋକକୁ ଲୋଟାରେ ମେଣ୍ଟାନ୍ତି
ଅଭାବକୁ କରି ସାଥୀ
ଛିଣ୍ଡା ବସନର ଗନ୍ଧ ଯା’ ପସନ୍ଦ
କାମେ ସଦା ଥାଏ ମତି।

ହାତ ଧରି ଯିଏ ଦୁନିଆ ଦେଖାନ୍ତି
ଆଗକୁ ବଢ଼ିବା ପାଇଁ
ଶାସନ ଶୃଙ୍ଖଳା ଆଦର୍ଶର ଦୀକ୍ଷା
ନୀତିଶିକ୍ଷା ଦେବା ପାଇଁ।

ସବୁରି ଘରର ଶକ୍ତ ମେରୁଦଣ୍ଡ
ସଭିଙ୍କର ପ୍ରିୟ ବାପା ।


–ଭୁବନେଶ୍ୱର
ମୋ: ୯୪୩୭୨୩୦୬୮୦




ମୃଣାଳ

# ପ୍ରେମିକ ନୁହେଁ ବନ୍ଧୁ

ଏବେ ମୃଣାଳ ଠାକୁରଙ୍କୁ ନେଇ ଚର୍ଚ୍ଚା । କାହିଁକି ଜାଣନ୍ତି ? ତାଙ୍କର କୁଆଡେ ତାମିଲ ସନସେସନ୍ ଧନୁଷଙ୍କ ସହ ଇଲୁ ଇଲୁ ଚାଲିଛି । ନିକଟରେ ଘଟିଥିବା ଏକ ଘଟଣା ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି । ଗତ ସପ୍ତାହରେ 'ସନ୍ ଅଫ ସର୍ଦ୍ଦାର ୨' ର ଏକ ସ୍ପେଶାଲ ସ୍କ୍ରିନିଂ ଅବସରରେ ଦୁହେଁ ହାତ ଧରାଧରି ହୋଇ ଯାଇଥିଲେ । ଯାହାକି ଗୁଜବର ନିଆଁରେ ଘିଅ ଢ଼ାଳିଲା ଭଳି ହୋଇଛି । ଏସବୁ କଥା ଯେତେବେଳେ ମୃଣାଳଙ୍କ କାନରେ ପଡ଼ିଲା ସେ ବା କେମିତି ଚୁପ୍ ହୋଇ ବସି ରହିଥାନ୍ତେ କହୁନାହାନ୍ତି ? ଶେଷକୁ ଏହି ବିଷୟରେ ମୁହଁ ଖୋଲି ମୃଣାଳ କହିଛନ୍ତି,"'ଏବେ ଧନୁଷଙ୍କ ସହ ମୋ ନାମକୁ ଯୋଡ଼ା ଯାଉଛି । ହେଲେ ଏସବୁ ସମ୍ପୂର୍ଣ୍ଣ କାଳ୍ପନିକ । ଆମ ଦୁହିଁଙ୍କ ଭିତରେ ସେପରି କିଛି ସମ୍ପର୍କ ନାହିଁ । ସେ ମୋର ଜଣେ ଭଲ ବନ୍ଧୁ । ଆଉ ଯଦି ତାଙ୍କ ସହ ମୁଁ ସ୍କ୍ରିନିଂ ଦେଖିବାକୁ ଗଲି ସେଥିରେ ଅସୁବିଧା କେଉଁଠି ରହିଲା ?'' ମୃଣାଳଙ୍କ ବିଗ୍ ସ୍କ୍ରିନ୍ ଡେବ୍ୟୁ ହୋଇଥିଲା ୨୦୧୪ରେ ଆଉ ସିନେମାଟି ଥିଲା 'ହେଲୋ ନନ୍ଦନ' (ମରାଠୀ) । ଏହାର ଛଅ ବର୍ଷ ପରେ ଅର୍ଥାତ୍ ୨୦୧୮ରେ ସେ ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ପାଇଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଫିଲ୍ମ ଥିଲା 'ଲଭ୍ ସୋନିଆ' ।


ପୁନିତ

# ସାବଧାନ ! ଜେଡି ଆସୁଛି...

ଜେଡି–କେବଳ ନାଁ ହିଁ ଯଥେଷ୍ଟ । ସହରରେ ତାଙ୍କ ନାମ ଶୁଣିଲେ ଲୋକମାନେ ମନରେ ଶଙ୍କା ଗଣନ୍ତି । ପେଶାରେ ଜଣେ ବିଜନେସମ୍ୟାନ୍ । ହେଲେ ମନ ଭିତରେ ତାଙ୍କର ଆଉ କିଛି ଚାଲିଥାଏ । ସବୁ ଗଣ୍ଡୋଗଳ ପଛରେ ତାଙ୍କର ହାତ । ଆଉ ତାଙ୍କର ଚେଲା ଚାମଚାମାନଙ୍କର ଔଦ୍ଧତାମି ବି କିଛି କମ୍ ନୁହେଁ । ଏମିତିରେ ଜେଡିର ଚକ୍ରାନ୍ତର ଶିକାର ହୋଇଛି ଜଣେ ସାଧାରଣ ଯୁବକ । ହେଲେ ସେ ମନରେ ସାହସ ଜୁଟାଇ ତାଙ୍କୁ ଚ୍ୟାଲେଞ୍ଜ ଦେଇଛି । ଆଉ ତା'ପରେ ? ହଁ, ଏହା ହେଉଛି ସମ୍ପୂର୍ଣ୍ଣ କାହାଣୀର କୀୟଦଂଶ । ଏଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ' । ଆଉ ଏଥିରେ ଜେଡି ନାମରେ ଖଳନାୟକ ଭୂମିକାରେ ଅଭିନୟ କରୁଥିବା କଳାକାର ହେଉଛନ୍ତି ଲୋକପ୍ରିୟ ଧାରାବାହିକ 'ମହାଭାରତ'ର ଦୁର୍ଯ୍ୟୋଧନ ଚରିତ୍ରରେ ଅଭିନୟ କରିଥିବା ପୁନିତ ଇସ୍ସର । ଏହି ଫିଲ୍ମରୁ ସେ ଓଡ଼ିଆ ସିନେମାରେ ଏଣ୍ଟ୍ରି କରୁଛନ୍ତି । ଏହି ଫିଲ୍ମର ନାୟକ ସାଜିଛନ୍ତି ଅର୍ଦ୍ଧେନ୍ଦୁ ସାହୁ । ଏଲିନା ସାମନ୍ତରାୟ ଏହି ଫିଲ୍ମର ନାୟିକା ସାଜିଛନ୍ତି । ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ ତଥା ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତ ବର୍ଷ ଦଶହରାରେ ରିଲିଜ ହେବାକୁ ଯାଉଛି ।

# ମଡେଲ୍‌ରୁ ଅଭିନେତ୍ରୀ

ରକୁଲ୍ ପ୍ରୀତ ସିଂ ଅଭିନୟ ଦୁନିଆରେ ପାଦ ଥାପିବା ପୂର୍ବରୁ ମଡେଲିଂ ସହ ଜଡିତ ଥିଲେ । ମାତ୍ର ୧୮ ବର୍ଷ ବୟସରେ ସେ ମଡେଲିଂ ଆରମ୍ଭ କରିଥିଲେ । ୨୦୦୯ରେ ତାଙ୍କର ବଡ ପରଦା ଜୀବନ ଆରମ୍ଭ ହୋଇଥିଲା । ରକୁଲ୍ କୁହନ୍ତି, ''କନ୍ନଡ ଫିଲ୍ମ 'ଗିଲ୍ଲି'ରେ ଅଭିନୟ କରିବାକୁ ମୋତେ ପ୍ରଥମେ ଅଫର ମିଳିଥିଲା । ନିର୍ଦ୍ଦେଶକ ରାଘବ ଲୋକି ମୋତେ ଯେତେବେଳେ ଏହାର କାହାଣୀ ଶୁଣାଇଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା । ଯେହେତୁ ମୁଁ ଜଣେ ନବାଗତା ଥିଲି ତେଣୁ ନିର୍ଦ୍ଦେଶକ ମୋ ମନରେ ଥିବା ସମସ୍ତ ପ୍ରଶ୍ନଗୁଡିକର ସମାଧାନ ଶୁଟିଂ ପୂର୍ବରୁ ହିଁ କରିଦେଇଥିଲେ । ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଥିଲେ ଗୁରୁରାଜ । ଯାହାହେଉ ଦର୍ଶକ ମୋ ଅଭିନୀତ ସିନେମାଗୁଡିକୁ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା ।'' ଦିବ୍ୟା ଖୋସଲା କୁମାରଙ୍କ ନିର୍ଦ୍ଦେଶିତ 'ୟାରିୟାଁ'ରୁ ରକୁଲ୍ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଏହି ସିନେମା ବକ୍ସ ଅଫିସରେ ଭଲ ବିଜନେସ କରିବାରେ ସକ୍ଷମ ହୋଇଥିଲା । ବର୍ତ୍ତମାନ ରିଲିଜ ଅପେକ୍ଷାରେ ଥିବା ଏସ. ଶଙ୍କରଙ୍କ ନିର୍ଦ୍ଦେଶିତ ତାମିଲ ଫିଲ୍ମ 'ଇଣ୍ଡିଆନ୍ ୩'ରେ ସେ ଅଭିନୟ କରିଛନ୍ତି ।


ରକୁଲ

# ସୋନାକ୍ଷୀଙ୍କ ବହି କିଣା

ସୋନାକ୍ଷୀ ସିହ୍ନାଙ୍କର ଏକ ଭଲ ଅଭ୍ୟାସ ରହିଛି । ଯାହାକି ଏବେକାର ନୁହେଁ । ସ୍କୁଲରେ ପଢ଼ିବା ସମୟରୁ ତାଙ୍କର ଏହା ଅଭ୍ୟାସରେ ପରିଣତ ହୋଇଥିଲା । ତାହା କ'ଣ ଜାଣିବେନି ? ବହି କିଣିବା ଏବଂ ପଢ଼ିବା । ସମୟ ମିଳିବା ମାତ୍ରେ ସେ ବହିଟିଏ ଧରି ପଢ଼ିବାକୁ ବସି ଯାଆନ୍ତି । ଯୁଆଡେ ଗଲେ ବି ନିଜ ମନ ପସନ୍ଦର ବହି କିଣିବାକୁ ଭୁଲି ନ ଥାନ୍ତି । ଏ ବିଷୟରେ ସୋନାକ୍ଷୀ କହନ୍ତି, ''ମନ ପସନ୍ଦର ବହି ପଢ଼ିବା ମୋର ପିଲାଦିନର ଅଭ୍ୟାସ । ଏ ନେଇ ସେତେବେଳେ ମୋତେ ପାପା ବେଶୀ ଅନୁପ୍ରାଣୀତ କରିଥିଲେ । ଆଉ ଏହା ଧୀରେ ଧୀରେ ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ଏବେ ମୁଁ ଯୁଆଡେ ଗଲେ ପ୍ରଥମେ ନୂଆ ନୂଆ ଲେଖକଙ୍କ ବହି କିଣିଥାଏ । ସମୟ ମିଳିଲେ ସେଗୁଡିକୁ ପଢ଼େ ଏବଂ ସେଥିରୁ ଭଲ ଭଲ ଶିକ୍ଷଣୀୟ ଜିନିଷ ନୋଟ୍ ମଧ୍ୟ କରେ ।'' ଘର ସଂସାର କରିବା ପରେ ଏବେ ପ୍ରାୟ ସୋନାକ୍ଷୀଙ୍କ ହାତରେ ସିନେମାଟିଏ ନାହିଁ । ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ଦବଙ୍ଗ' (ପ୍ରଥମ ଫିଲ୍ମ), 'ରାଉଡି ରାଥୋଡ', 'ଓ ମାଇଁ ଗଡ୍', 'ଦବଙ୍ଗ ୨', 'ଲୁଟେରା', 'ଆକ୍ସନ ଜ୍ୟାକ୍ସନ', 'ଫୋର୍ସ ୨', 'ନୁର୍', 'କଲଙ୍କ', 'ଟୋଟାଲ ଧମାଲ' ଏବଂ 'ନିକିତା ରୟ' ।



ସୋନାକ୍ଷୀ

# ସ୍କୁଲ ଡାଏରୀ

ବର୍ତ୍ତମାନ ସୋସିଆଲ ମିଡିଆର ଚାହିଦା କାହିଁରେ କେତେ । ବୟସ୍କଙ୍କଠୁ ଆରମ୍ଭ କରି ସ୍କୁଲରେ ପଢୁଥିବା ପିଲା ଓ ଯୁବପିଢ଼ୀ ଏହାର ମାୟାରେ ବାୟା । ତେବେ ସୋସିଆଲ ମିଡିଆ ଏବଂ ମୋବାଇଲ ବ୍ୟବହାର ଛାତ୍ର ଜୀବନକୁ କିପରି ପ୍ରଭାବିତ କରୁଛି ଏବଂ ଏହାଦ୍ୱାରା ତା'ର ଜୀବନର ଗତିପଥ କିଭଳି ବଦଳି ଯାଉଛି ତାହାକୁ ନେଇ ହୋଇଛି ଫିଲ୍ମଟିଏ । ଶ୍ରୀ ଗଣେଶ ପ୍ରଡକ୍ସନ ବ୍ୟାନରରେ ନିର୍ମାଣ କରାଯାଉଥିବା ଏହି ଓଡ଼ିଆ ସିନେମାର ଟାଇଟଲ ରହିଛି 'ସ୍କୁଲ ଡାଏରୀ' । ଏହାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ସମ୍ବିତ ବାରିକ । ବର୍ତ୍ତମାନ ଏହାର ଶୁଟିଂ ଓଡିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି । ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଲଗ୍ନା ସ୍ୱାଇଁ ଏବଂ ସମ୍ବିତ ବାରିକ । ଲାଇନ୍ ପ୍ରଯୋଜକ ଅଛନ୍ତି ଗଣେଶ ପଣ୍ଡା ଏବଂ ରବି କୁମାର ଶତପଥି । ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ତଥା ନିକଟରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ଡ. ରଜନୀ ରଞ୍ଜନ । ଅରୁଣ ମନ୍ତ୍ରୀ ଏବଂ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ । ସମ୍ବିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ପୂର୍ବରୁ ନିଜକୁ ଜଣେ ସଫଳ ସହ–ନିର୍ଦ୍ଦେଶକ ଭାବରେ ପରିଚିତ କରାଇ ସାରିଛନ୍ତି । ଏହାର ବିଭିନ୍ନ ଭୂମିକାରେ ନବାଗତ ଯୋଡି ପ୍ରେମ, ଅକ୍ସିତା ଏବଂ ବିଦ୍ୟାଙ୍କ ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ସସ୍ମିତା ପ୍ରଧାନ ଏବଂ ରବି ମିଶ୍ର ପ୍ରମୁଖ କଳାକାର ଅଭିନୟ କରୁଛନ୍ତି ।

# କାହାଣୀ ମିଶନ

ରଣବୀର ସିଂ ଏବେ ଗୋଟିଏ କାମରେ ବ୍ୟସ୍ତ ଅଛନ୍ତି । ସେ ଏକ ମନଲାଖି କାହାଣୀଟିଏ ଖୋଜୁଛନ୍ତି । ସାଧାରଣତଃ ଏହି ଦାୟିତ୍ୱ ହେଉଛି ପ୍ରଯୋଜକଙ୍କର । ହେଲେ ସେ କାହିଁକି ଏହି କାମକୁ ନିଜ ମୁଣ୍ଡକୁ ନେଇଛନ୍ତି । କଥା କ'ଣ କି ଜଣେ ନବାଗତ ପ୍ରଯୋଜକ ନିକଟରେ ତାଙ୍କ ସିନେମାରେ ରଣବୀରଙ୍କୁ ସାଇନ୍ କରିବାକୁ ଯାଇଥିଲେ । କଥାବାର୍ତ୍ତା ସମୟରେ ସେ ପ୍ରଯୋଜକଙ୍କୁ ଏକ ପ୍ରସ୍ତାବ ଦେଇଥିଲେ । ତାହା କ'ଣ ଜାଣିବେନି ? ଏ ବିଷୟରେ ରଣବୀର କହନ୍ତି, ''ମୋର ଏକ ସୁପରମ୍ୟାନ ଚରିତ୍ରରେ ଅଭିନୟ କରିବାର ଇଚ୍ଛା ରହିଛି । ତେଣୁ ସେଭଳି ଏକ ସିନେମା ନିର୍ମାଣ କରିବାକୁ ଏହି ପ୍ରଯୋଜକ ଏକ ରକମ ରାଜି ହୋଇଛନ୍ତି । ତା'ସହ ଏହାର କାହାଣୀ ଖୋଜିବା ଦାୟିତ୍ୱ ସେ ମୋ ଉପରେ ନ୍ୟସ୍ତ କରିଛନ୍ତି । ତେଣୁ ଏବେ ମୋର ବିଜି ସିଡ୍ୟୁଲ ଭିତରେ ମୁଁ ଏପରି ଏକ କାହାଣୀ ସନ୍ଧାନରେ ଅଛି । ଅବଶ୍ୟ ଏ ନେଇ ପ୍ରଯୋଜକ ମୋତେ ଦୁଇ ମାସ ସମୟ ଦେଇଛନ୍ତି । ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ ଏହି ସୀମିତ ସମୟ ଭିତରେ ମୁଁ ନିଶ୍ଚୟ ଏକ ଭଲ କାହାଣୀ ଖୋଜି ପାଇବି ।'' ରଣବୀରଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ବ୍ୟାଣ୍ଡ ବାଜା ବାରାତ୍' (୨୦୧୦) । କେବଳ ସେତିକି ନୁହେଁ ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଅଭିନେତା ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା ।


ରଣବୀର

# କଥା ୨୫ ବର୍ଷର

ଶ୍ରୁତି ହାସନଙ୍କ ଜନ୍ମ ଏକ କଳାକାର ପରିବାରରେ । ବାପା କମଲ ହାସନ ଜଣେ ବିଶିଷ୍ଟ ଅଭିନେତା ଏବଂ ମା' ସାରିକା ମଧ୍ୟ ଜଣେ ଲୋକପ୍ରିୟ ଅଭିନେତ୍ରୀ । ସେ ଇତି ମଧ୍ୟରେ ନିଜ ଅଭିନୟ ଜୀବନର ସିଲଭର ଜୁବୁଲି ପାଳନ କରିଛନ୍ତି । ୨୦୦୦ରେ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା । ସେପୁଣି ବାପା କମଲଙ୍କ ନିର୍ଦ୍ଦେଶନାରେ । ଏହାର ଟାଇଟଲ ଥିଲା 'ହେ ରାମ' । ଉଭୟ ତାମିଲ ଏବଂ ହିନ୍ଦୀ ଭାଷାରେ ଏହାକୁ ପ୍ରସ୍ତୁତ କରାଯାଇଥିଲା । ଏଥିରେ ଶ୍ରୁତି ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ । ଏ ବିଷୟରେ ସେ କହନ୍ତି, ''ମୋ ପାପାଙ୍କ ନିର୍ଦ୍ଦେଶନାରେ ମୁଁ ପ୍ରଥମ ଥର ପାଇଁ କ୍ୟାମେରା ସାମ୍ନା କରିଥିଲି । ସେତେବେଳେ ମୋର ଅଭିନୟ ବିଷୟରେ ଟିକିଏ ହେଲେ ଜ୍ଞାନ ନ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ପାପା ମୋତେ ଏ ନେଇ ଅନେକ ଟିପ୍ସ ଦେଇଥିଲେ । ତାଙ୍କର ଗାଇଡାନ୍ସ ଯୋଗୁଁ ଆଜି ମୁଁ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛି । ଇତିମଧ୍ୟରେ ମୋର ଅଭିନୟ କ୍ୟାରିୟର ୨୫ ବର୍ଷରେ ପହଞ୍ଚିଛି । ଆଉ ଏହା ସମ୍ଭବ ହୋଇଛି ଦର୍ଶକଙ୍କ ଭଲ ପାଇବା ଯୋଗୁଁ ।'' ୨୦୦୯ରେ ଶ୍ରୁତି ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ପ୍ରଥମ ସିନେମା 'ଲକ୍' ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ପରେ ସେ ଅନେକ ତାମିଲ,ତେଲୁଗୁ ଏବଂ ହିନ୍ଦୀ ସିନେମାରେ ଅଭିନୟ କରି ନିଜ ଦକ୍ଷତା ପରିଚୟ ଦେଇସାରିଛନ୍ତି ।


ଶ୍ରୁତି

ପ୍ରଥମ ରୋଜଗାର

# ମା'ଙ୍କ ହାତରେ ଦେଇଥିଲି ପ୍ରଥମ ଦରମା



ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ **ଡକ୍ଟର ସୁନ୍ଦର ନାରାୟଣ ପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ଜନ୍ମସ୍ଥାନ ଗଞ୍ଜାମ ଜିଲାର ନୂଆପଡ଼ା ଗ୍ରାମରେ। ମାଟ୍ରିକ ପାସ୍ କଲାପରେ ପାରଳାଖେମୁଣ୍ଡି, ବ୍ରହ୍ମପୁର, ଭଦ୍ରକ, କଟକରେ ପାଠପଢ଼ା ସାରି ୧୯୬୭ରେ ସୁନାମଧନ୍ୟ ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁରରେ ଅଧ୍ୟାପକ ଚାକିରି ପାଇ ବୃତ୍ତିଗତ ଜୀବନ ଆରମ୍ଭ କଲି। ଦରମା ୨୪୫ ଟଙ୍କା ଏବଂ ଡି.ଏ. ୯୬ ଟଙ୍କା, ଏପରି ମାସିକ ମୋଟ ୩୪୧ ଟଙ୍କା। ପ୍ରଥମ ମାସର ଦରମା ମା'ଙ୍କ ହାତରେ ଦେଇଥିଲି। ତାଙ୍କ ଆନନ୍ଦର ସୀମା ରହି ନ ଥିଲା। ଏହିଭଳି ଅନେକ ମାସ ଧରି ମା'ଙ୍କୁ ଦରମା ସବୁ ଧରାଇ ଦେଉଥିଲି। ଆବଶ୍ୟକବେଳେ ତାଙ୍କଠାରୁ ଟଙ୍କା ଆଣୁଥିଲି। ପାଠପଢା ସମୟରେ ମୋ ମୁଣ୍ଡ ଉପରେ କିଛି ଋଣ ଥିଲା। ନିଜ ଆବଶ୍ୟକ ମୁତାବକ ଖର୍ଚ୍ଚ ସହିତ କ୍ରମେ ଋଣ ଶୁଝିବା ଆରମ୍ଭ କଲି। ପାଞ୍ଚ ଭାଇ, ଦୁଇ ଭଉଣୀଙ୍କ ମଧ୍ୟରେ ମୁଁ ଥିଲି ତୃତୀୟ ସନ୍ତାନ। କିନ୍ତୁ ମୋତେ ଯେତେବେଳେ ମାତ୍ର ୪ବର୍ଷ ବୟସ ହୋଇଥିଲା, ମୁଁ ଗାଁର ଅନ୍ୟ ଜଣଙ୍କ ଘରକୁ ପୋଷ୍ୟ ପୁଅ ହୋଇ ଯାଇଥିଲି। ଏହି କାରଣରୁ କମ୍ ବୟସରୁ ମୋ ଉପରେ ଆର୍ଥିକ ବୋଝ ଆସି ଯାଇଥିଲା। ତେବେ ସେ ଯାହାବି ହେଉ, ବାହାଘର ପୂର୍ବରୁ ମା'ଙ୍କ ହାତରେ ଆଉ ବାହାଘର ପରେ ସ୍ତ୍ରୀଙ୍କ ହାତରେ ସବୁତକ ଦରମା ଧରାଇ ଦେଉଥିଲି। କାରଣ ମୋର ବିଶ୍ୱାସ ଥିଲା ଯେ, ମହିଳାମାନେ ହିଁ ଅର୍ଥ ପରିଚାଳନା ଦକ୍ଷତାର ସହିତ କରିପାରନ୍ତି। ସତକୁ ସତ ସେ ଦୁହେଁ ବି, ଅତି ସୁନ୍ଦର ଭାବରେ ଆର୍ଥିକ ଭାର ତୁଲାଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ସେ ଦୁହେଁ ମୋ ପାଖରେ ନାହାନ୍ତି। ଆକାଶର ତାରା ହୋଇଗଲେଣି କେବେଠୁ। ଏବେ କେବଳ ସେମାନଙ୍କ ସ୍ମୃତି ହିଁ ମୋ ପାଖରେ ରହିଯାଇଛି।

ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ମହାବିଦ୍ୟାଳୟରେ ୧୯୬୭ ଠାରୁ ୨୦୦୨ ମସିହା ଅର୍ଥାତ୍ ଦୀର୍ଘ ୩୫ ବର୍ଷ ଚାକିରି କରିବା ଭିତରେ ଅନେକ ଛାତ୍ରୀଛାତ୍ରଙ୍କୁ ମଣିଷ କରିବା ସଙ୍ଗେସଙ୍ଗେ ନିଜକୁ ତଥା ପରିବାରକୁ ପ୍ରତିଷ୍ଠିତ କରିପାରିବା ହେଉଛି ମୋ ଜୀବନର ପ୍ରକୃତ ସଫଳତା। ମୁଁ ଚାକିରି ଆରମ୍ଭ କଲାବେଳେ ଧାନ ଶଗଡ଼େର ଦାମ୍ ଏକ ତୋଳା ସୁନା ସହିତ ସମାନ ଥିଲା। କିନ୍ତୁ ଏବେ ସୁନା ଦଶ ଗ୍ରାମ୍ ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ହେଲାଣି। ତେଣୁ ଟଙ୍କାର ମୂଲ୍ୟ କଦାପି ସ୍ଥିର ନୁହେଁ। ଆମ ବେଳେ ମାସିକ ୩୦୦ ବା ୪୦୦ ଟଙ୍କା ଦରମା ପାଉଥିବା ଚାକିରି ଥିଲା ଏକ ଭଲ ଚାକିରି। ହେଲେ ବର୍ତ୍ତମାନ ସମୟରେ ଅତି କମ୍‌ରେ ଲକ୍ଷେ ଟଙ୍କା ନ ହେଲେ ଆଖିଦୃଷ୍ଟିଆ ହେଉନି। ଅବସରକାଳୀନ ପେନ୍‌ସନ ଟଙ୍କା ଯାହା ମୁଁ ଏବେ ପାଉଛି ; ତାହା ଚାକିରି କାଳ ଦରମାଠାରୁ ବହୁ ଗୁଣରେ ଅଧିକ। ଅର୍ଥର କୌଣସି ଅଭାବ ନାହିଁ ବର୍ତ୍ତମାନ। ତଥାପି ବେଳେବେଳେ ମନ ଭିତରେ ସେହି ପ୍ରଥମ ଦରମାର ସ୍ମୃତି ଆଉ ମୋ ମା'ର ହସହସ ମୁହଁ କଥା ଯେବେ ମନେ ପଡିଯାଏ ଅଜାଣତରେ ଆଖିରୁ ଆନନ୍ଦାଶ୍ରୁ ଝରିଯାଏ।

ପ୍ରକୃତି ଓ ପରିବେଶକୁ ଖୁବ୍ ଭଲ ପାଉଥିବାରୁ ୧୯୮୨ ମସିହାରେ 'ଓଡ଼ିଶା ପରିବେଶ ସମିତି' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢିଥିଲି। ଏହି ଅନୁଷ୍ଠାନ ପାଇଁ ବ୍ୟକ୍ତିଗତ ସ୍ତରରେ ଯାହା ଯେତେବେଳେ ଆବଶ୍ୟକ ହୁଏ ମୁଁ ନିଜ ହାତ ପାଣ୍ଠିରୁ ବହନ କରୁଥିଲି ଆଉ ଏବେ ବି କରୁଛି। ତା'ସହିତ ପିତାମାତାଙ୍କ ସ୍ମରଣାର୍ଥେ ଉକ୍ତ ଅନୁଷ୍ଠାନ ତରଫରୁ ପୁରସ୍କାର ରାଶିର ବି ବ୍ୟବସ୍ଥା କରିଛି। ଆମ ଗାଁ ଡାକ୍ତରଖାନା ପରିସରରେ ଛୋଟ ରୋଗୀ ଆଶ୍ରୟ ଘରଟିଏ କରିବାର ସୌଭାଗ୍ୟ ବି ମୋତେ ମିଳିଛି। ଏଥିସହିତ ଅନେକ ସମାଜସେବୀ ଅନୁଷ୍ଠାନ, ଧର୍ମାନୁଷ୍ଠାନ ସହିତ ଜଡିତ ରହି ଆବଶ୍ୟକସ୍ଥଳେ ଆର୍ଥିକ ସହାୟତା କରିବା ମୋତେ ଆତ୍ମତୃପ୍ତି ଦେଉଛି। ମୋ ମତରେ, ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ପାଇଁ ତଥା ପରିବାର ପାଇଁ ଶାନ୍ତିରେ ଜୀବନଯାପନ କରିବାର ସମସ୍ତ ଆବଶ୍ୟକତା ମେଣ୍ଟିବା ପରେ ସମାଜ ପାଇଁ ବି କିଛି କର୍ତ୍ତବ୍ୟ କରିବାର ଆବଶ୍ୟକତା ରହିଛି। କାରଣ ଆମ ସମାଜରେ ଅନେକ ଅଭାବୀ, ଦୁର୍ବଳ ଶ୍ରେଣୀର ଲୋକ ଅଛନ୍ତି ; ଯାହାଙ୍କ ପାଇଁ ଆର୍ଥିକ ସ୍ୱଚ୍ଛଳ ବର୍ଗ ଲୋକମାନଙ୍କର କିଛି କର୍ତ୍ତବ୍ୟ ରହିଛି। ଆମେ ମହା ଦାନୀ ନ ହୋଇପାରୁ ହେଲେ କରୁଣାର ପାତ୍ର ତ ହୋଇପାରିବା। ଆମେ ଏଭଳି କାର୍ଯ୍ୟ କରିବା ; ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ।

ସାଥୀ



# ଚୋରା ପିରତୀରେ ନ ଥାଏ ଦମ୍, ଆଶା ଅନେକ ଭରଷା କମ୍

**ପ୍ରଶ୍ନ**–ମୋର ଜଣେ ସାଙ୍ଗ ମୋତେ କହିଲା ଯେ ଚୋରା ପିରତୀରେ ଅନେକ ମଜା ରହିଛି। ଏବେ ମୁଁ ସେହି ପ୍ରେମରେ ପଡି ନାମ ନେଇ ସାରିଲିଣି। ଯାହା ପ୍ରେମରେ ମୁଁ ପାଗଳ ହୋଇଥିଲି ତାକୁ ଭୁଲି ପାରୁନି। କ'ଣ କରିବି ?

*–ଅମିତ କୁମାର ଦାସ, ଢେଙ୍କାନାଳ*

**ଉତ୍ତର:** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ। ଚୋରା ପିରତୀ ମନକୁ କ୍ଷଣିକ ଆନନ୍ଦ ଦେଇଥାଏ ସତ ହେଲେ ସେଥିରେ ବାସ୍ତବ ପ୍ରେମର ମଜା ନ ଥାଏ। 'ଚୋରା ପିରତୀରେ ନ ଥାଏ ଦମ୍, ଆଶା ଅନେକ ଭରଷା କମ୍'। ତେଣୁ ଯଦି ଏଭଳି ପ୍ରେମ କରି ନାମ ନେଇ ସାରିଲେଣି, ତେବେ ଆଉ କାଦୁଅରେ ଗୋଡ ପୁରାଉଛନ୍ତି କିଆଁ ? ଏବେ ବି ସମୟ ଅଛି ସେଭଳି ମାନସିକତାକୁ ବଦଳାଇ ଦିଅନ୍ତୁ। ଏଭଳି ପ୍ରେମ କରନ୍ତୁ ; ଯାହାର ପରିବେଶ ଶରତ ଆକାଶ ପରି ନିର୍ମଳ ହୋଇଥିବ। ଆଉ ସେଭଳି ପ୍ରେମରେ ହିଁ ଅସଲ ମଜା ଲୁଚି ରହିଥାଏ।

**ପ୍ରଶ୍ନ**–ମୁଁ ଯାହାକୁ ଭରଷା କରି ଏତେ ବାଟ ଆଗେଇଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ଏବେ ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛି। ଏଥର ସଫଳ ହେବି ତ ?

*–ସୁକାନ୍ତ କୁମାର, ପାରାଦ୍ୱୀପ, ଜଗତସିଂହପୁର*

**ଉତ୍ତର:** ପ୍ରେମରେ ସଫଳ ହେବା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ନିର୍ଭର କରେ। ଆପଣ ଯେଉଁ ପ୍ରେମ କରୁଛନ୍ତି ତାହାର ଫାଉଣ୍ଡେସନ କେତେ ଦୃଢ଼ ତାହା ନିଜେ ନିଶ୍ଚୟ ଜାଣିଥିବେ। ଯଦି ଉପର ଠାଉରିଆ ପ୍ରେମ କରୁଥିବେ ତେବେ ତାହା କେତେବେଳେ ଭସା ବାଦଲ ପରି କୁଆଡେ ଆଉ କେତେବେଳେ ଉଭେଇ ଯିବ ତାହା ନିଜେ ଜାଣିପାରିବେ ନାହିଁ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ପ୍ରେମିକାର ମଧ୍ୟ ଏ ନେଇ ସହମତି ରହିବା ଦରକାର। ନ ହେଲେ ପୁଣି ଥରେ ଧୋକା ଖାଇ ସେଥିରୁ ମୁକୁଳିବାର ରାସ୍ତା ଉଣ୍ଡାଳୁଥିବେ।

**ପ୍ରଶ୍ନ**–ପ୍ରେମରେ ଅଭିମାନ କେତେ ଯୁକ୍ତି ସଙ୍ଗତ ? ମୋ ପ୍ରେମିକା ମୋ ଉପରେ ବେଳେବେଳେ ଅଭିମାନ କରୁଛି। ଏହା ଆମର ପ୍ରେମକୁ ପ୍ରଭାବିତ କରିବ ନାହିଁ ତ ?

*–ପ୍ରକାଶ ନାୟକ, ଖୋର୍ଦ୍ଧା*

**ଉତ୍ତର:** ପ୍ରେମରେ ମାନ, ଅଭିମାନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ଆଉ ପ୍ରେମିକା ଯଦି ମିଛି ମିଛିକା ଅଭିମାନ କରୁଥାଏ, ତା'ହେଲେ ତାହା ଭସା ବାଦଲ ପରି। ଯଦି ସେ ଅଭିମାନ ପଛରେ କିଛି କାରଣ ଥାଏ, ଆଉ ତାହାକୁ ତୁରନ୍ତ ସମାଧାନ କରା ନ ଯାଏ, ପରବର୍ତ୍ତୀ ସମୟରେ ତାହା ଯେ ଏକ ସମସ୍ୟା ଭାବରେ ଉଭା ହେବ–ଏକଥାକୁ ଏଡାଇ ଦିଆଯାଇ ନ ପାରେ। ପ୍ରେମିକା ମୁହଁରୁ ଅଭିମାନର ବାଦଲ ହଟାଇବା ପାଇଁ ବାସ୍ ତା' ପଛରେ ଛାଇ ହୋଇ ରୁହନ୍ତୁ। ମିଠା ମିଠା କଥା କୁହନ୍ତୁ। ଦେଖିବେ, ଆପଣଙ୍କ ପ୍ରେମିକାର ଅଭିମାନ ନିମିଷକ ମଧ୍ୟରେ ଉଭେଇ ଯିବ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ତା' ପୂର୍ବରୁ ମୁଁ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଥିଲି। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି ଜାଣିପାରୁନାହିଁ।


*–ସି.କେ, ରାଉରକେଲା*

**ଉତ୍ତର:** ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହେଲେ, ତେଣୁ ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ। ଆଉ ତା' ପୂର୍ବରୁ ଯେଉଁ ଝିଅ ସହ ଆପଣଙ୍କର ପ୍ରେମ ସମ୍ପର୍କ ଥିଲା, ତାହା ଏବେ ଅତୀତ। ଯଦି ସେ ଝିଅ ଆପଣଙ୍କୁ ପୁଣି ଥରେ ଫସାଇବାକୁ ଚାହୁଁଛି, ତାକୁ ବାସ୍ତବ ଚିତ୍ର ବୁଝାଇ ଦିଅନ୍ତୁ। ସମ୍ପର୍କ ଯୋଡିବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ। ନ ହେଲେ ନିଜ ସୁନା ସଂସାର କେତେବେଳେ ଯେ ଚୁରମାର ହୋଇଯିବ ତାହା କଳ୍ପନା କରିପାରିବେ ନାହିଁ।



# ମଙ୍ଗଳସୂତ୍ର ରିଂ

**ସଧବା ନାରୀର ଏକ ପରିଚୟ ହେଉଛି ମଙ୍ଗଳସୂତ୍ର। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ନାରୀଟିଏ ଏହାକୁ ବେକରେ ପିନ୍ଧିଥାଏ। କିନ୍ତୁ ଏବେ ଏହି ମଙ୍ଗଳସୂତ୍ରକୁ ନେଇ ନୂଆ ନୂଆ ଟ୍ରେଣ୍ଡ ଆରମ୍ଭ ହେଲାଣି। କିଏ ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍‌କୁ କଟଟିରେ ପିନ୍ଧୁଛନ୍ତି ତ ଆଉ କିଏ ମଙ୍ଗଳସୂତ୍ର ରିଂକୁ ହାତ ଆଙ୍ଗୁଠିରେ ପିନ୍ଧି ଭିନ୍ନ ଲୁକ୍ ପାଉଛନ୍ତି। ସେମିତି କିଛି ଲାଟେଷ୍ଟ ମଙ୍ଗଳସୂତ୍ର ରିଂ ସମ୍ପର୍କରେ...**





* **ଡାଇମଣ୍ଡ ଗୋଲ୍ଡ ମଙ୍ଗଳସୂତ୍ର ରିଂ:** ଏହା ଏକ ଲାଟେଷ୍ଟ ଡିଜାଇନ୍‌ର ରିଂ। ଏଥିରେ ଗୋଲ୍ଡ ଥାଏ, ଡାଇମଣ୍ଡ ବି ଥାଏ ଆଉ ତା'ସାଙ୍ଗକୁ ବ୍ଲାକ୍ କ୍ରିଷ୍ଟାଲ୍ ବିଡ୍ସର ମଧ ବ୍ୟବହାର ହୋଇଥାଏ। ନବବିବାହିତାଙ୍କ ହାତକୁ ଏ ଟାଇପ୍‌ର ରିଂ ଖୁବ୍ ସୁନ୍ଦର ଦେଖାଯାଏ।
* **ଡାଇମଣ୍ଡ ସିଲ୍‌ଭର୍ ମଙ୍ଗଳସୂତ୍ର ରିଂ:** ପ୍ଲାଟିନମ୍ ପଲିସ୍ ହୋଇଥିବା ସିଲ୍‌ଭର୍ ରିଂ ଉପରେ ବି ବ୍ଲାକ୍ କ୍ରିଷ୍ଟାଲ୍ ବିଡ୍ସ ଓ ଡାଇମଣ୍ଡ ଲାଗିକି ମଧ ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ମଙ୍ଗଳସୂତ୍ର ରିଂ ଏବେ ମିଳିଲାଣି। ଡାଇମଣ୍ଡ ବଦଳରେ ଆର୍ଟିଫିସିଆଲ୍ ଷ୍ଟୋନ ଲାଗିଥିବା ମଙ୍ଗଳସୂତ୍ର ରିଂ ବି ଏବେ ମିଳୁଛି। ବିବାହିତା ନାରୀଙ୍କ ହାତକୁ ଏହି ରିଂ ଖୁବ୍ ଟ୍ରେଣ୍ଡିଂ ଲାଗେ।
* **ମଲ୍ଟି ଲେୟାର୍ ମଙ୍ଗଳସୂତ୍ର ରିଂ:** ଚାରି/ପାଞ୍ଚ ଲେୟାର୍‌ରେ ଆସୁଥିବା ମଙ୍ଗଳସୂତ୍ର ରିଂ ବି ବିବାହିତା ଖାସ୍‌କରି ନବବିବାହିତାଙ୍କ ମେହେନ୍ଦିଭରା ହାତକୁ ବେଶ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହି ଟାଇପ୍‌ର ରିଂକୁ ଆଙ୍ଗୁଠିରେ ପିନ୍ଧିଲେ ହାତ ପୁରିଲା ପୁରିଲା ଦେଖାଯାଏ।
* **ସିମ୍ପଲ ମଙ୍ଗଳସୂତ୍ର ରିଂ ଡିଜାଇନ୍:** ମାତ୍ର ଗୋଟେ ଲେୟାର୍‌ରେ ଆସୁଥିବା ମଙ୍ଗଳସୂତ୍ର ରିଂ ମଧ ଦେଖିବାକୁ ଯେମିତି ଟ୍ରେଣ୍ଡି ଲାଗେ ପିନ୍ଧିଲେ ବି ହାତକୁ ଖୁବ୍ ସୁନ୍ଦର ମାନିଥାଏ। କିଛି ବ୍ଲାକ୍ କ୍ରିଷ୍ଟାଲ୍ ବିଡ୍ସ ଓ କିଛି ଗୋଲ୍ଡ ବିଡ୍ସକୁ ମିଶାଇ ଗୋଟେ ଲେୟାର୍‌ବାଲା ଖୁବ୍ ସୁନ୍ଦର ମଙ୍ଗଳସୂତ୍ର ରିଂକୁ ବି ସହଜରେ ତିଆରି କରିହେବ।
* **ଫ୍ଲୋରାଲ୍ ପାଟର୍ନ ମଙ୍ଗଳସୂତ୍ର ରିଂ:** ଫ୍ଲୋରାଲ୍ ଡିଜାଇନ୍ ଗୋଲ୍ଡ ରିଂ ବି ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ। ଏହା ହାତକୁ ପୁରିଲା ପୁରିଲା ଲାଗେ। ଏବେ ତ ଫ୍ଲୋରାଲ୍ ପାର୍ଟନ୍‌ର ମଙ୍ଗଳସୂତ୍ର ରିଂ ବି ମିଳିଲାଣି ; ଯାହା ଦେଖିବାକୁ ଖୁବ୍ ସୁନ୍ଦର ବି ଲାଗୁଛି। ବିବାହିତା ନାରୀ ଖାସ୍‌କରି ନବବିବାହିତାଙ୍କ ହାତକୁ ଏ ଟାଇପ୍‌ର ମଙ୍ଗଳସୂତ୍ର ରିଂ ପରଫେକ୍ଟ ମ୍ୟାଚ୍ କରିଥାଏ।
* **ରିଷ୍ଟ ମଙ୍ଗଳସୂତ୍ର ରିଂ:** ଏହା ବି ଏକ ଭିନ୍ନ ଡିଜାଇନ୍‌ର ମଙ୍ଗଳସୂତ୍ର ରିଂ ; ଯାହାକୁ ହାତ ଆଙ୍ଗୁଠିରେ ପିନ୍ଧିବା ସହିତ ଏଥିରେ ଲାଗିଥିବା ଆଉ ଏକ ଚେନ୍ ସଂଲଗ୍ନ ବ୍ରେସ୍‌ଲେଟ୍‌କୁ ରିଷ୍ଟ ବା କଟଟିରେ ବାନ୍ଧି ହାତକୁ ଆକର୍ଷଣୀୟ ଲୁକ୍ ଦେଇହେବ। ଖାସ୍ କରି ନବବିବାହିତାଙ୍କ ହାତକୁ ଏହି ରିଙ୍ଗ୍ ଖୁବ୍ ସୁନ୍ଦର ମାନିଥାଏ।
* **ହାର୍ଟ ଶେପ୍ ମଙ୍ଗଳସୂତ୍ର ରିଂ:** ଏକ ରାଉଣ୍ଡ ଶେପ୍ ରିଂର ମଝି ଭାଗରେ ହାର୍ଟ ଶେପ୍ ଡିଜାଇନ୍ କରି ତା'ର ଉଭୟ ପଟେ ଷ୍ଟୋନ ଏବଂ ବ୍ଲାକ୍ କ୍ରିଷ୍ଟାଲ୍ ବିଡ୍ସ ଲଗାଇଦେଲେ ବି ଏକ ସୁନ୍ଦର ମଙ୍ଗଳସୂତ୍ର ରିଂ ତିଆରି ହୋଇଯିବ। ଏହା ବି ହାତକୁ ଟ୍ରେଣ୍ଡି ଟଚ୍ ଦେବ।







## ହାଃ ହାଃ

### ପବିତ୍ର

ଜେଜେ ବାପା ଚିଣ୍ଟୁକୁ: ସବୁଠୁ ପବିତ୍ର ଜିନିଷ କୋଉଟା କହିଲୁ ?
ଚିଣ୍ଟୁ କିଛି ସମୟ ଭାବିବା ପରେ: ମୋବାଇଲ।
ଜେଜେ ବାପା: କେମିତି ?
ଚିଣ୍ଟୁ: ମୋବାଇଲକୁ ବାଥରୁମ୍ ନିଆଯାଉ କି ହସ୍ପିଟାଲ ଅବା ମଶାଣୀ। ନ ଧୋଇ ତାକୁ ପୁଣି ଘର, ମନ୍ଦିର, ରୋଷେଇ ଘର ସବୁଯାଗାକୁ ନିଆଯାଉଛି।

### ଲେଟ୍


ଶିକ୍ଷକ ପପୁକୁ: ତୋର ସବୁଦିନ ସ୍କୁଲକୁ ଆସିବା ବିଳମ୍ବ କାହିଁକି ହେଉଛି ?
ପପୁ: ଗୋଟେ ସାଇନ୍ ବୋର୍ଡ ପାଇଁ।
ଶିକ୍ଷକ: ମାନେ ?
ପପୁ: ସାର୍ ମୁଁ ସ୍କୁଲ ଆସିବା ରାସ୍ତାରେ ଏକ ବୋର୍ଡରେ ଲେଖା ହେଇଛି –ଆଗରେ ସ୍କୁଲ ଅଛି, ଦୟାକରି ଧୀରେ ଚାଲନ୍ତୁ। ଆଉ ମୁଁ ଧୀରେ ଧୀରେ ଆସୁଛି। ମୋର ଦୋଷ କ'ଣ ? ନିୟମ ମାନିବା କ'ଣ ଖରାପ ?

### କେମିତି ଅଛ

ଜଣେ ବ୍ୟକ୍ତି ବାବାଙ୍କୁ: କେମିତି ଅଛନ୍ତି ବାବା ?
ବାବା: ମୁଁ ତ ସାଧୁ। 'ଶ୍ରୀରାମ' ମତେ ଯେମିତି ରଖନ୍ତି ମୁଁ ସେମିତି ରହେ। ତମେ ତ ସୁଖୀ ଅଛ ନା ବାଳକ ?
ବ୍ୟକ୍ତି: ବାବା ମୁଁ ତ ସାଂସାରିକ। ମତେ ମୋ 'ସୀତା' ଯେମିତି ରଖନ୍ତି ମୁଁ ସେମିତି ରହେ।

### ଅଟୋବାଲା

ମନୋଜ ବାବୁ ରାଜେଶଙ୍କୁ: ଆଜିକାଲି ପେପର୍ ଖୋଲିଲା ବେଳକୁ ଦେଖିବାକୁ ମିଳୁଛି ଅଟୋବାଲା ଝିଅ ଆଇଏସ୍ ହେଲା, ଅଟୋବାଲାର ଝିଅ ୯୯ ପ୍ରତିଶତ ମାର୍କ ରଖିଲା, ଅଟୋବାଲା ଝିଅ ଗୋଲ୍ଡ ମେଡାଲ ଆଣିଲା।
ରାଜେଶ ବାବୁ: ହଁ, ଭଲକଥା ତ।
ମନୋଜ ବାବୁ: କି ଭଲ କଥା କିଓ ? ଏସବୁ ଦେଖି ମୋ ପିଲାମାନେ ମତେ କହୁଛନ୍ତି– ବାପା ତମେ ଏ ସରକାରୀ ଚାକିରି ଛାଡି ଅଟୋ ଚଲାଅ। ଦେଖିବ ଆମେ ବି ତୁମ ନାଁ ରଖିବୁ।



# ଶରଣ ଶ୍ରୀକ୍ଷେତ୍ର

ଗଞ୍ଜାମର ଐତିହାସିକ ଗଡ଼ଜାତ ଅଞ୍ଚଳ ଆଠଗଡ଼ ଉତ୍କଳର ଗଜପତି ପୁରୁଷୋତ୍ତମଦେବଙ୍କ ଆଦେଶରେ ଆଠଗଡ଼ ପାଟଣା ଗଡ଼ଟି ଏକ ଜମିଦାର କରଦ ରାଜ୍ୟରେ ପରିଣତ ହୋଇଥିଲା । ଘୁମୁସର ରାଜ୍ୟର କରଦ ଜମିଦାରି ଥିବାବେଳେ ଖ୍ରୀ୧୫୪୦ରେ ଗଜପତି ପ୍ରତାପ ରୁଦ୍ରଦେବଙ୍କ ମୃତ୍ୟୁ ପରେ ତାଙ୍କ ସେନାପତି ବେଣୁ କ୍ଷେତ୍ରବର ସିଂହଙ୍କ ପୁତ୍ର ଯଦୁନାଥ ଓଡ଼ିଶା ରାଜ୍ୟ ଅରାଜକତାର ସୁଯୋଗ ନେଇ ଉକ୍ତ ଗଡ଼ଟିକୁ ଘୁମୁସରରୁ ଛଡାଇ ଆଣି ଓଡ଼ିଶା ରାଜ୍ୟର ଏକ କରଦ ଜମିଦାରି ରୂପେ ସ୍ୱୀକୃତି ଦେବା ସହ ନିଜେ ଜମିଦାର ରୂପେ ପ୍ରଥମେ ଶାସନଭାର ନେଇଥିଲେ ଏବଂ ଏଥିସହ ଆଠଗଡ ପାଟଣାରେ ବାଘଲ ବଂଶ ଶାସନର ଅନ୍ତ ହୋଇଥିଲା । କିନ୍ତୁ ଖ୍ରୀ୧୮୦୩ ରେ ବିଦେଶୀ ଇଂରେଜଙ୍କ ଓଡ଼ିଶା ଅଧିକାର ପରେ ଖ୍ରୀ୧୮୫୪ରେ ଉକ୍ତ ଗଡ଼ର ଜମିଦାର ରାମଚନ୍ଦ୍ର ହରିଚନ୍ଦନ ଜଗଦ୍ଦେବ ଧାର୍ଯ୍ୟ ସରକାରୀ ଖଜଣା ଦେଇ ନ ପାରିବାରୁ ତତ୍କାଳୀନ ବ୍ରିଟିଶ କଲେକ୍ଟର ପ୍ରେଣ୍ଡରଗାଷ୍ଟ ସାହେବ ଏହାକୁ ନିଲାମ ଡାକିଥିଲେ । ଉକ୍ତ ନିଲାମରେ ନିକଟସ୍ଥ ଖଲ୍ଲିକୋଟ ଜମିଦାର ନାରାୟଣ ମର୍ଦ୍ଦରାଜ ସର୍ବୋଚ୍ଚ ନିଲାମ ଡାକି ଗଡ଼ଟିକୁ ନିଜ ଅଧୀନକୁ ନେଇଯାଇଥିଲେ। ଉକ୍ତ ଗଡ଼ଟି ସେଇଦିନଠାରୁ ତା'ର ସ୍ୱାଧୀନତା ହରାଇ ବସିବା ସହ ଗଡ଼ରେ ଜମିଦାର ରାଜା ଶାସନ ପରମ୍ପରାର ଅନ୍ତ ଘଟିଥିଲା । ଗଜପତିମହାରାଜଶ୍ରୀରାମଚନ୍ଦ୍ରଦେବ୨ୟଙ୍କଶାସନକାଳରେ ମୋଗଲସେନାପତି ତକି ଖାଁ ଆକ୍ରମଣ କରିଥିଲେ। ଏହି ସମୟରେ ସେବକମାନଙ୍କ ସହଯୋଗରେ ଗଜପତି ମହାରାଜା ମହାପ୍ରଭୁଙ୍କୁ ଚିଲିକା ମଧ୍ୟରେ ଥିବା ନିଇରି ଗ୍ରାମକୁ ସ୍ଥାନାନ୍ତର କରିଥିଲେ। ଏହି ସ୍ଥାନରେ କିଛି ଦିନ ଅବସ୍ଥାନ କରିବା ପରେ ବିପଦ ଆଶଙ୍କା କରି ପୁନଃ ଗଞ୍ଜାମର ମାରଦା ଅଞ୍ଚଳରେ ଥିବା ଘଞ୍ଚ ଅରଣ୍ୟ ମଧ୍ୟକୁ ନେଇଥିଲେ । ହାତୀବାଡ଼ି ପାହାଡ଼ର ଉପକଣ୍ଠରେ ଥିବା ରୁମାଗଡ଼ର ଜଙ୍ଗଲ ମଧ୍ୟରେ ମହାପ୍ରଭୁଙ୍କୁ ରଖାଯାଇଥିଲା । ତତ୍କାଳୀନ ଆଠଗଡ଼ ରାଜା ରଘୁନାଥ ହରିଚନ୍ଦନ ଜଗଦ୍ଦେବ ଖବର ପାଇ ମହାପ୍ରଭୁଙ୍କ ରହଣି ନିମନ୍ତେ ଏଠାରେ ଏକ ମନ୍ଦିର ନିର୍ମାଣ କରାଇଥିଲେ। ତତ୍କାଳୀନ ଦକ୍ଷ କଳିଙ୍ଗ ଶିଳ୍ପୀମାନେ ଦୀର୍ଘ ୪୫ ଦିନ ପରିଶ୍ରମ କରି ଏଠାରେ ଥିବା ମନ୍ଦିରକୁ ମହାପ୍ରଭୁଙ୍କ ନିମନ୍ତେ ଗଢି ତୋଳିଥିଲେ। ଏହି ସ୍ଥାନରେ ମହାପ୍ରଭୁ ଦୀର୍ଘ ୨ ବର୍ଷ ୬ ମାସ ରହଣି କରିଥିଲେ। ଏହି ସମୟରେ ମହାପ୍ରଭୁଙ୍କର ଗୁପ୍ତରେ ସମସ୍ତ ନୀତି ସମାପନ ହେଉଥିଲା । ପ୍ରତିଦିନ ଏହି ସ୍ଥାନକୁ ୩୦୦ରୁ ଊର୍ଦ୍ଧ୍ୱ ପାଇକ ସେନା ଜଗି ରହୁଥିଲେ। ଏହି ସ୍ଥାନର ବାହ୍ୟ ଅଞ୍ଚଳକୁ ସୁରକ୍ଷା ଦେଉଥିଲେ ଆଠଗଡ଼ ରାଜାଙ୍କ ବଳାସି ସୈନ୍ୟବାହିନୀ। ତାଙ୍କର ଯୁଦ୍ଧକଳାକୁ ଦେଖି ତକି ଖାଁ ଏହି ସ୍ଥାନଠୁ ଦୂରେଇ ରହିଥିଲେ । ତକିଖାଁଙ୍କ ମୃତ୍ୟୁ ପରେ ଓଡ଼ିଶାର ନବନିଯୁକ୍ତ ସୁବେଦାର ମୁର୍ସିଦ କୁଲି ଖାଁ ଲକ୍ଷ୍ୟ କଲେ ଶ୍ରୀଜଗନ୍ନାଥଙ୍କ ବିନା ଶ୍ରୀକ୍ଷେତ୍ରକୁ ଆଉ ଶ୍ରଦ୍ଧାଳୁ ଆସୁନାହାନ୍ତି, ଯାହାଫଳରେ ମୋଗଲ ସରକାର ବାର୍ଷିକ ୯ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି । ଏହାକୁ ଲକ୍ଷ୍ୟକରି ଯବନ ସୁବେଦାର ଗଜପତିଙ୍କୁ ଚାପ ପକାଇ ସେବାୟତମାନଙ୍କ ଦ୍ୱାରା ମାରଦା ମନ୍ଦିରରୁ ଶ୍ରୀ ବିଗ୍ରହମାନଙ୍କୁ ଆଣି ଶ୍ରୀମନ୍ଦିରରେ ପୁନଶ୍ଚ ସ୍ଥାପନ କଲେ। ମାରଦା ଗ୍ରାମର ମନ୍ଦିରରେ ଠାକୁରେ ପ୍ରାୟ ଅଢେଇବର୍ଷ ରହିଥିଲେ। ଠାକୁରେ ସେଠାରୁ ଆସିଲା ପରେ ମଧ୍ୟ ଉକ୍ତ ସିଂହାସନ ଶ୍ରୀମହାପ୍ରଭୁଙ୍କ ସ୍ମୃତିରେ ଆଜି ବି ଶୂନ୍ୟ ପଡିଛି, ସେଠାରେ ଆଉ ନୂତନ ବିଗ୍ରହ ନିର୍ମାଣ କରାଇ ସ୍ଥାପନ କରାଯାଇ ନାହିଁ । ମରହଟ୍ଟା ଏବଂ ମୁସଲମାନ ଶାସନ ସମୟରେ ତତ୍କାଳୀନ ଠାକୁର ରାଜା ଏବଂ ତାଙ୍କ ପରିବାର ମଧ୍ୟ ଅନେକ ଥର ଆଠଗଡ ପାଟଣାରେ ଆଶ୍ରୟ ନେଇଥିବାର ଇତିହାସରୁ ସୂଚନା ମିଳେ। ଏହିପରି ଓଡ଼ିଶା ଇତିହାସରେ ଠାକୁର ଏବଂ ଠାକୁର ରାଜାଙ୍କୁ ଅସମୟରେ ବାଘଲ ବଂଶୀୟ ଚନ୍ଦ୍ରମଣି ସିଂହଙ୍କ ଦ୍ୱାରା ସ୍ଥାପିତ ଆଠଗଡ ପାଟଣା ଅନେକ ଥର ଆଶ୍ରୟ ଦେଇଥିବାରୁ ତତ୍କାଳୀନ ଗଜପତି ମହାରାଜ ଉକ୍ତ ଗଡ଼କୁ 'ଶରଣ ଶ୍ରୀକ୍ଷେତ୍ର' ନାମରେ ଏକ ନୂତନ ପରିଚୟ ଦେବା ସହ ପାଟଣାର ଜମିଦାର ରଘୁନାଥଙ୍କୁ 'ଶରଣ ପଞ୍ଜର ମାନ ଉଧାରଣ ବିରାଧୀବୀରବର ଭାଇ' ଜଗଦ୍ଦେବ ଉପାଧି ଦେଇ ନୀଳାଚଳବାସୀ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜାର ଅଧିକାର ଦେଇଥିଲେ । ସେଇଦିନଠାରୁ ପ୍ରତ୍ୟେକ ବଡ଼ ଏକାଦଶୀରେ ଶ୍ରୀମନ୍ଦିରରେ ନୀଳଚକ୍ର ଉପରକୁ ମହାଦୀପ ଉଠିବା ସମୟେ ପୁରୀ ଗଜପତିଙ୍କ ସହ ଆଠଗଡ଼ ପାଟଣା ରାଜାଙ୍କ ସୁରକ୍ଷା ପାଇଁ ଶ୍ରୀଜଗନ୍ନାଥଙ୍କୁ ନିବେଦନ ପୂର୍ବକ ''ସରଣୀ ଧରଣାଇଶ ଭାଇ ଜଗଦେବ ରାଓଙ୍କୁ ଶଙ୍ଖେ ପୂରାଇ ଚକ୍ରରେ ଆଡୁଆଳ କରି ରଖିବା ଆଜ୍ଞା ହେଉ ହେ ମଣିମା' ନିଜେ ବଡ଼ପଣ୍ଡା ଉଚ୍ଚାରଣ କରିଥାନ୍ତି । ଆକ୍ରମଣ କାଳେ ମହାପ୍ରଭୁ ଏଠାରେ ରହିଥିବାରୁ ଗଜପତି ରାମଚନ୍ଦ୍ରଦେବ, ସେବକ ଓ କିଛି ମଠ ମହନ୍ତଙ୍କୁ ଶରଣ ଦେଇଥିବାରୁ ଏହି ସ୍ଥାନକୁ ଶରଣ ଶ୍ରୀକ୍ଷେତ୍ର ବୋଲି କୁହାଯାଏ। ଚତୁର୍ଦ୍ଧା ବିଗ୍ରହ ଏହି ସ୍ଥାନରୁ ଶ୍ରୀକ୍ଷେତ୍ରକୁ ୧୭୩୬ ମସିହାରେ ଫେରି ରତ୍ନସିଂହାସନରେ ବିଜେ ହେବା ପରେ ଆଉ କେବେ କେଉଁ ଆକ୍ରମଣ କାଳରେ ଶ୍ରୀକ୍ଷେତ୍ର ଛାଡ଼ି ଅନ୍ୟତ୍ର ଯାଇନାହାନ୍ତି।

–ଚିନ୍ମୟ ରଞ୍ଜନ ମିଶ୍ର
ମୋ:୯୪୩୯୪୦୭୧୮୧

ତଥ୍ୟ: 'ଶରଣ ଶ୍ରୀକ୍ଷେତ୍ର ମାରଦା' ଏବଂ 'ଓଡ଼ିଶା ଇତିହାସର ନୂତନ ତଥ୍ୟ' ପୁସ୍ତକରୁ ସଂଗୃହୀତ ।






# ବଡ଼ା ଗଣପତି ମନ୍ଦିର



**ପ୍ରଭୁ ଗଣେଶଙ୍କୁ ସମର୍ପିତ ବଡ଼ା ଗଣପତି ମନ୍ଦିର ହେଉଛି ମଧ୍ୟପ୍ରଦେଶ ଇନ୍ଦୋରର ଏକ ଲୋକପ୍ରିୟ ଆଧ୍ୟାତ୍ମିକ ପୀଠ। ପ୍ରତିବର୍ଷ ଗଣେଶ ପୂଜା ଅବସରରେ ଏଠାରେ ଦଶ ଦିନ ଧରି ଗଣେଶ ଉତ୍ସବ ପାଳନ କରାଯାଇଥାଏ ; ଯାହାକୁ ଦେଖିବାକୁ ଏଠାରେ ଭକ୍ତଙ୍କର ବେଶ୍ ଭିଡ଼ ଜମେ...**

ମଧ୍ୟପ୍ରଦେଶର ଇନ୍ଦୋରଠାରେ ରହିଛି ଏକ ପ୍ରସିଦ୍ଧ ଗଣେଶ ମନ୍ଦିର ; ଯାହା ବଡ଼ା ଗଣପତି ମନ୍ଦିର ନାମେ ବେଶ୍ ପରିଚିତ। ବଡ଼ା ଅର୍ଥ ବିରାଟ ବା ବଡ଼। ଅର୍ଥାତ୍ ଏଠାରେ ପୂଜା ପାଉଥିବା ପ୍ରଭୁ ଗଣେଶଙ୍କର ବିରାଟକାୟ ପ୍ରତିମା ପାଇଁ ଏହି ମନ୍ଦିରର ଏପରି ନାମକରଣ ହୋଇଥିବା  ବିଶ୍ୱାସ କରାଯାଏ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୮୭୫ ମସିହାରେ ହୋଲ୍‌କାର୍ ରାଜବଂଶର ଜନୈକ ଭକ୍ତଙ୍କ ଦ୍ୱାରା ଏହି ମନ୍ଦିରଟି ନିର୍ମିତ ହୋଇଥିବା ସୂଚନା ରହିଛି। ଉକ୍ତ ଭକ୍ତ ଜଣଙ୍କ ଥରେ ସ୍ୱପ୍ନରେ ପ୍ରଭୁ ଗଣେଶଙ୍କର ଏକ ବିରାଟ ପ୍ରତିମୂର୍ତ୍ତୀ ଦେଖିଥିଲେ। ସେ ପ୍ରଭୁ ଗଣେଶଙ୍କର ଥିଲେ ଜଣେ ପରମ ଭକ୍ତ। ତେଣୁ ସେ ଦେଖିଥିବା ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ମନେ ମନେ ଚିନ୍ତା କଲେ। ଅର୍ଥାତ୍ ପ୍ରଭୁଙ୍କର ଏକ ବିରାଟ ପ୍ରତିମା ଗଢି ତାଙ୍କୁ ପୂଜା କରିବାକୁ ସେ ନିଷ୍ପତି ନେଲେ। ଏହି ମହତ୍ କାର୍ଯ୍ୟ ପାଇଁ ତାଙ୍କୁ ହୋଲ୍‌କାର୍ ରାଜବଂଶ ତରଫରୁ ପୂର୍ଣ୍ଣ ସହାୟତା ପ୍ରଦାନ କରାଯାଇଥିଲା। ଯାହାର ଫଳ ସ୍ୱରପ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଭୁ ଗଣେଶଙ୍କର ବସିଥିବା ମୁଦ୍ରାର ଏକ ବିରାଟ ପ୍ରତିମୂର୍ତ୍ତୀ ଇନ୍ଦୋରଠାରେ ଗଢି ଉଠିଲା। ପ୍ରଭୁଙ୍କର ଏହି ବିଶାଳ ପ୍ରତିମୂର୍ତ୍ତୀ ପାଇଁ  ଲୋକମୁଖରେ ଏହା ବଡ଼ା ଗଣପତି ମନ୍ଦିର ବା ବଡ଼ ଗଣପତି ମନ୍ଦିର ଭାବେ ପରିଚିତି ପାଇବାକୁ ଲାଗିଲା। ଏଠାରେ ପୂଜା ପାଉଥିବା ପ୍ରଭୁ ଗଣେଶ ଖୁବ୍ ପ୍ରତ୍ୟେକ୍ଷ। ତାଙ୍କୁ ଯିଏ ଭକ୍ତିର ସହକାରେ ଉପାସନା କରିଥାନ୍ତି, ପ୍ରଭୁ ତାଙ୍କର ସବୁ ଦୁଃଖକଷ୍ଟ ଦୂର କରି ଦେଇଥାନ୍ତି। ଖାସ୍ ଏହି କାରଣ ଯୋଗୁ କେହି କେହି ବଡ଼ା ଗଣପତି ମନ୍ଦିରକୁ ଚିନ୍ତା ହରଣ ଗଣପତି ମନ୍ଦିର ବୋଲି ବି ସମ୍ବୋଧନ କରିଥାନ୍ତି।

### ବହୁ ତୀର୍ଥକ୍ଷେତ୍ରର ଜଳ ଓ ମାଟିରେ ଗଢା ହୋଇଛି ଏହି ପ୍ରତିମୂର୍ତ୍ତୀ

ତଥ୍ୟ ଅନୁଯାୟୀ, ବଡ଼ା ଗଣପତି ମନ୍ଦିରରେ ପୂଜା ପାଉଥିବା ପ୍ରଭୁଙ୍କର ଏହି ବିଶାଳ ପ୍ରତିମୂର୍ତ୍ତିଟିକୁ ୪ ଫୁଟର ଏକ ବଡ଼ ଚଉତରା ଉପରେ ନିର୍ମାଣ କରାଯାଇଛି। ଏଥିସହିତ ପ୍ରଭୁଙ୍କର ଏହି ପ୍ରତିମୂର୍ତ୍ତି ଗଢିବା ପାଇଁ ବିଭିନ୍ନ ତୀର୍ଥସ୍ଥାନରୁ ପବିତ୍ର ଜଳ, କାଶୀ, ଅଯୋଧ୍ୟା, ଅବନ୍ତିକା, ମଥୁରାରୁ ମାଟି ତଥା ଘୋଡ଼ାଶାଳ, ହାତୀଶାଳ, ଗୋଶାଳା ଆଦି ସ୍ଥାନର ମାଟିକୁ ବି ବ୍ୟବହାର କରାଯାଇଛି। ଏଥିସହିତ ଚୁନ ପଥର, ଗୁଡ଼, ଇଟା, ବାଲି ତଥା କିଛି ମେଥି ଦାନାକୁ ଏଥିରେ ମିଶା ଯାଇଥିବା ସୂଚନା ରହିଛି। ଏହାଛଡ଼ା ପ୍ରଭୁଙ୍କର ଏହି ପ୍ରତିମୂର୍ତ୍ତିକୁ ସଜାଇବା ପାଇଁ ସୁନା, ରୂପା ତଥା ବହୁ ମୂଲ୍ୟବାନ ଧାତୁ ବ୍ୟବହାର କରାଯାଇଥିବାର ତଥ୍ୟ ବି ରହିଛି।

### ପ୍ରଭୁଙ୍କ ଶୃଙ୍ଗାର ପାଇଁ ୧୫ ଦିନ ଲାଗେ


ସୂଚନା ଅନୁଯାୟୀ, ବଡ଼ା ଗଣପତି ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ଗଣେଶଙ୍କର ବର୍ଷକୁ ୪ଥର ସ୍ୱତନ୍ତ୍ର ଶୃଙ୍ଗାର କରାଯାଇଥାଏ। ଏହି ସମୟରେ ପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ଘିଅ ଓ ସିନ୍ଦୂରର ଏକ ପ୍ରଲେପ ଲଗାଯାଇଥାଏ। ତା'ପରେ ନୂତନ ବସ୍ତ୍ର ପରିଧାନ କରାଯାଇ ସାଜଶୃଙ୍ଗାର କରାଯାଇଥାଏ। ଆଉ ଏସବୁ କାମ ପାଇଁ ପାଖାପାଖି ୧୫ ଦିନ ସମୟ ଲାଗିଯାଏ ବୋଲି ତଥ୍ୟ ରହିଛି।

### ପର୍ବପର୍ବାଣୀ

ପ୍ରଭୁଙ୍କର ଏହି ବିଶାଳ ପ୍ରତିମୂର୍ତ୍ତୀଙ୍କୁ ଦର୍ଶନ କରିବା ସହ ପ୍ରଭୁଙ୍କ ଆଶିଷ ଲଭିବାକୁ ପ୍ରତ୍ୟେକ ଦିନ ଏଠାକୁ ଭକ୍ତଙ୍କର ଯା'ଆସ ଲାଗି ରହିଥାଏ। ତେବେ ଗଣେଶ ପୂଜା ହେଉଛି ଏଠାକାର ଏକ ବିଶେଷ ପର୍ବ। ଏହି ସମୟରେ ୧୦ ଦିନ ଧରି ଏଠାରେ ଗଣେଶ ଉତ୍ସବର ଆୟୋଜନ କରାଯାଉଥିବା ସୂଚନା ରହିଛି ; ଯାହାକୁ ଦେଖିବାକୁ ବହୁ ଦୂରଦୂରାନ୍ତରୁ ଭକ୍ତଗଣ ଏଠାକୁ ବୁଲି ଆସିଥାନ୍ତି। ଭକ୍ତଙ୍କ ଦର୍ଶନ ପାଇଁ ସକାଳ ୫ଟାରୁ ରାତି ୧୦ ଯାଏଁ ଉକ୍ତ ମନ୍ଦିରଟି ଖୋଲା ରହିଥାଏ। କିନ୍ତୁ ଗଣେଶ ପୂଜା ଅବସରରେ ଏହି ସମୟରେ କିଛିଟା ପରିବର୍ତ୍ତନ କରାଯାଇଥାଏ। ସେହିପରି ପ୍ରଭୁଙ୍କର ପ୍ରସାଦ ଭାବେ ମୋଦକ ଓ ଲଡୁ ଏଠାକାର ଖୁବ୍ ପ୍ରସିଦ୍ଧ।

### କେମିତି ଯିବେ

ବର୍ତ୍ତମାନ ଏହି ମନ୍ଦିରଟି ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ। ମନ୍ଦିରର ସମସ୍ତ ରକ୍ଷଣାବେକ୍ଷଣ ଓ ଭକ୍ତଙ୍କର ସବୁ ସୁବିଧା, ଅସୁବିଧା କଥା ଏହି ଟ୍ରଷ୍ଟ ବୁଝିଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ଇନ୍ଦୋରରେ ପହଁଞ୍ଚି ସେଠାରୁ ଅଟୋ ରିକ୍ସା ଅବା ସିଟି ବସ୍ ସାହାଯ୍ୟରେ ଜଣେ ସୁବିଧାରେ ଯାଇ ଏହି ମନ୍ଦିର ନିକଟରେ ପହଁଞ୍ଚିପାରିବେ।



# ବବଲ୍ ର୍ୟାପ୍



ବବଲ୍ ର୍ୟାପ୍ ଏକ ପାରଦର୍ଶୀ ଓ ନମନୀୟ ପଦାର୍ଥ। ଏହା ଏକ ପ୍ରକାରର ପ୍ଲାଷ୍ଟିକର ଥଳି ଭଳି, ଯେଉଁଥିରେ ଛୋଟ ଛୋଟ ବବଲ୍ ଥାଏ ଓ ସେହି ବବଲ୍ ଭିତରେ ଭରି ରହିଥାଏ ପବନ। ତେଣୁ ଏଥିରେ ସାମଗ୍ରୀକୁ ପ୍ୟାକ୍ କଲେ ଭାଙ୍ଗିବା ତଥା ନଷ୍ଟ ହେବାର ଭୟ ନ ଥାଏ। ଖାସ୍ ଏହି କାରଣରୁ ଏହାର ବ୍ୟବହାର ଶିପିଂ ସମୟରେ ସୂକ୍ଷ୍ମ, ଭଙ୍ଗୁର ଜିନିଷକୁ ସୁରକ୍ଷା ପ୍ରଦାନ କରିବା ପାଇଁ କରାଯାଏ। ଏହି ଜିନିଷଟି ଯେମିତି ରୋଚକ, ଏହା ପଛର ଇତିହାସ ବି ସେମିତି ରୋଚକ। ପ୍ରଥମେ ଏହାର ଉଦ୍ଭାବନ ୱାଲପେପର୍ ଭାବେ ହୋଇଥିଲା। ହେଲେ ଏହାକୁ ଲୋକେ ଗ୍ରହଣ କରି ନ ଥିଲେ। ଆଉ ପରବର୍ତ୍ତୀ ସମୟରେ ଏହା ପ୍ୟାକିଂ ପାଇଁ ବ୍ୟବହାର ହେବାକୁ ଲାଗିଲା।

୧୯୫୭ ମସିହାରେ ଅଲଫ୍ରେଡ ଫିଲ୍ଡିଂ ଓ ମାର୍କ ଚାଭନେସ୍ ଦୁଇଟି ଶାୱାର କର୍ଟେନକୁ ଅଠାରେ ଯୋଡି ଏକ ଥ୍ରୀଡି ପ୍ଲାଷ୍ଟିକ ୱାଲପେପର୍ ତିଆରି କରିବାକୁ ପ୍ରୟାସ କରୁଥିଲେ। ଏଭଳି କରିବାବେଳେ ମଝିରେ ମଝିରେ ଏୟାର ରହି ବବଲ୍ ହୋଇଯାଇଥିଲା। ଲୋକଙ୍କୁ ଏଭଳି ୱାଲ ପେପର୍ ଆଦୌ ପସନ୍ଦ ଆସି ନ ଥିଲା। ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହାକୁ ତିଆରି କରାଯାଇଥିଲା ତାହା ଫେଲ୍ ହେଇଗଲା। ପରେ ସେମାନେ ଅନୁଭବ କଲେ ଯେ, ଏଥିରେ ଜିନିଷ ପ୍ୟାକ୍ କରିହେବ। ୧୯୬୦ରେ ଅଲଫ୍ରେଡ ଓ ମାର୍କ, ଏହି ବବଲ ର୍ୟାପ ଉତ୍ପାଦର ବିପଣନ କରିବା ଲାଗି 'ସିଲ୍ଡ ଏୟାର' ନାମକ ବ୍ୟବସାୟିକ ସଂଗଠନ ସ୍ଥାପନ କଲେ। ଏହି ସମୟରେ ତାଙ୍କ ମାର୍କେଟିଂ ବିଶେଷଜ୍ଞ ଫ୍ରେଡରିକ ଡବଲ୍ୟୁ ବୋୱର୍ସ ଜାଣିବାକୁ ପାଇଲେ କି ଆଇବିଏମ୍ କମ୍ପାନୀ ୧୪୦୧ ଡେସିମଲ୍ କମ୍ପ୍ୟୁଟରକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ଯୋଜନା କରୁଛି। ଯାହାକି ମହଙ୍ଗା ହେବା ସହ ସୂକ୍ଷ୍ମ ମଧ୍ୟ। ଆଇବିଏମ୍ କମ୍ପାନୀକୁ ବୋୱର୍ସ ନିଜ ଉତ୍ପାଦକୁ ତାଙ୍କ ବବଲ୍ ର୍ୟାପ୍‌ରେ ଗୁଡାଇ ପଠାଇବାକୁ ପରାମର୍ଶ ଦେଲେ। ଆଉ ଆଇବିଏମ୍ ଏଥିରେ ରାଜି ହୋଇ ନିଜର ସୂକ୍ଷ୍ମ ଓ ଦାମୀ କମ୍ପ୍ୟୁଟର ସାମଗ୍ରୀକୁ ପରିବହନ ସମୟରେ ସୁରକ୍ଷିତ ରଖିବା ଲାଗି ବବଲ୍ ର୍ୟାପ୍ ବ୍ୟବହାର କରିବା ଆରମ୍ଭ କଲେ।

**କାଚ କିମ୍ବା କୌଣସି ସୂକ୍ଷ୍ମ ଭଙ୍ଗୁର ସାମଗ୍ରୀକୁ କିଣିବାବେଳେ ଦେଖିଥିବେ ତାକୁ ବବଲ୍ ର୍ୟାପ୍‌ରେ ପ୍ୟାକ୍ କରାଯାଇଥାଏ। କାରଣ ବବଲ୍ ର୍ୟାପ୍ ସାମଗ୍ରୀକୁ ସୁରକ୍ଷା ପ୍ରଦାନ କରିଥାଏ। ତେବେ ଜାଣନ୍ତି କି ଏହି ବବଲ୍ ର୍ୟାପ୍‌ର ଉଦ୍ଭାବନ ପ୍ରଥମେ ୱାଲପେପର୍ ଭାବେ ହୋଇଥିଲା। କିନ୍ତୁ ଲୋକେ ଏହାକୁ ଗ୍ରହଣ ନ କରିବାରୁ ପରେ ଜିନିଷକୁ ପ୍ୟାକିଂ କରିବା ଲାଗି ବ୍ୟବହାର କରାଗଲା...**

୧୯୬୦ର ମଧ୍ୟଭାଗ ପର୍ଯ୍ୟନ୍ତ ବବଲ ର୍ୟାପ୍ ଏକ ଶିପିଂ ସଂସ୍ଥାନ ପାଲଟିଗଲା। ଆଉ ଏହା ପ୍ୟାକିଂ ସାମଗ୍ରୀଭାବେ ପରିଚିତ ହେଲା। ସାମଗ୍ରୀକୁ ଭଲ ସୁରକ୍ଷା ପ୍ରଦାନ କରୁଥିବାରୁ ଧୀରେ ଧୀରେ ଏହାର ଲୋକପ୍ରିୟତା ବଢ଼ିବାକୁ ଲାଗିଲା। ବବଲ୍ ର୍ୟାପ ହେଉଛି 'ସିଲ୍ଡ ଏୟାର'ର ଟ୍ରେଡ ମାର୍କ ଉତ୍ପାଦ। ତେଣୁ ଅନ୍ୟ କେହି ପ୍ରତିଯୋଗୀ ଏୟାର କୁଶନିଂ କମ୍ପାନୀ ଏହି ଶବ୍ଦକୁ ବ୍ୟବହାର କରିପାରିବେ ନାହିଁ।

୨୦୧୫ରେ ସିଲ୍ଡ ଏୟାର 'ଆଇବବଲ୍ ର୍ୟାପ୍' ଡିଜାଇନ୍ ଲଞ୍ଚ କରିଥିଲା, ଯାହାର ବବଲ୍‌ଗୁଡିକ ଏକ ବଡ଼ ପଙ୍କ୍ତିରେ ଯୋଡି ହୋଇଥାଏ। ଏହାକୁ ବିକ୍ରେତାମାନଙ୍କୁ ପ୍ଲେନ ପଠାଯାଇଥାଏ। ପ୍ୟାକେଜିଂ ପାଇଁ ବ୍ୟବହାର କଲାବେଳେ ଏହାକୁ ଏୟାର ପମ୍ପରେ ଫୁଲାଇ ହେବ।

ବିଭିନ୍ନ ସାମଗ୍ରୀକୁ ବବଲ୍ ର୍ୟାପ୍ ସୁରକ୍ଷା ପ୍ରଦାନ କରେ ସତ, ହେଲେ ଏହା ପରିବେଶ ପାଇଁ ବହୁତ କ୍ଷତିକାରକ। ଏହାକୁ ରିସାଇକେଲ କରିବା ବହୁତ କଷ୍ଟ। ପୃଥିବୀରେ ଯେତେ ବି ବବଲ୍ ର୍ୟାପ ତିଆରି କରାଯାଏ ତା'ର ମାତ୍ର ୨-୩ ପ୍ରତିଶତ ରିସାଇକେଲ ହୁଏ। କାରଣ ଏହାକୁ ଲୋ ଡେନସିଟି ପଲିଏଥିଲିନ୍‌ରେ ତିଆରି କରାଯାଇଥାଏ। ତେଣୁ ଏହାକୁ ଅନ୍ୟ ପ୍ଲାଷ୍ଟିକ ଭଳି ମେସିନ୍‌ରେ ପକାଇ ରିସାଇକେଲ କରିବା କଷ୍ଟକର। ଆଉ ଯଦି ଏହାକୁ ଗାତ କରି ପୋତାଯାଏ ତେବେ ଏହାକୁ ମାଟିରେ ମିଶିବା ଲାଗି ୧୦-୧୦୦୦ ବର୍ଷ ଲାଗିପାରେ। ଭଲ କଥା ଏହାକି ଏହାର ବିକଳ୍ପ ଏବେ ଉପଲବ୍ଧ ହେଲାଣି। ପେପର୍‌ରେ ତିଆରି ହନିକମ୍ବ ର୍ୟାପ୍ ଅବା କପଡା ଓ କାଗଜର ଟୁକୁଡା ବ୍ୟବହାର ହେଉଛି।







## ସର୍ବାଧିକ ବ୍ରାଇଡ୍ସ ମେଡ



ଜୀବନରେ ଥରେ ହୁଏ ବାହାଘର। ତେଣୁ ଏହାକୁ ସ୍ମରଣୀୟ ଓ ଅଭୁଲା କରିବାକୁ ସମସ୍ତେ ଚାହାନ୍ତି। ସେଥିପାଇଁ ତ କିଏ କେତେ ପ୍ରକାରର ଉପାୟ ଅବଲମ୍ବନ କରି ବିବାହ କରୁଛନ୍ତି। କେହି କେହି ତ ବିବାହକୁ ନେଇ ରେକର୍ଡ କରିବାକୁ ବି ପ୍ରୟାସ କରୁଛନ୍ତି। ଯେମିତି କି କିଏ ପାଣି ଭିତରେ ତ କିଏ ବହୁ ଉଚ୍ଚତାରେ ଝୁଲି ରହି ବିବାହ କରିଛନ୍ତି। ସେମିତି ଏକ ଦମ୍ପତି ହେଉଛନ୍ତି ଶ୍ରୀଲଙ୍କାର ସାନସାଲା ଏବଂ ନଲିନ । ଏହି ଦମ୍ପତି ମଧ୍ୟ ନିଜ ବିବାହକୁ ସ୍ମରଣୀୟ କରିବା ଲାଗି ଏକ ନୂଆ ରେକର୍ଡ କରିବାକୁ ଚାହିଁଥିଲେ, ହେଲେ କିଛି ଦୁଃସାହସିକ କାର୍ଯ୍ୟ ନ କରି। ତେଣୁ ଦୁହେଁ ନିଜ ବିବାହରେ ସବୁଠାରୁ ଅଧିକ ବ୍ରାଇଡ୍ସ ମେଡ ରଖିବାକୁ ନିଷ୍ପତ୍ତି ନେଲେ। ଶେଷରେ ଶ୍ରୀଲଙ୍କାର ଏହି ଦମ୍ପତି ୧୨୬ ଜଣ ଯୁବତୀଙ୍କୁ ବ୍ରାଇଡ୍ସ ମେଡ୍ କରିଥିଲେ। ଫଳରେ ଏହି ବିବାହ ସବୁଠାରୁ ଅଧିକ ବ୍ରାଇଡ୍ସ ମେଡ ଥିବା ବିବାହ ଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ରଏଟର୍ସ ଅନୁଯାୟୀ, ପୂର୍ବରୁ ଏହି ରେକର୍ଡ ଥାଇଲାଣ୍ଡର ଏକ ବିବାହ ନାଁରେ ଥିଲା। ସେହି ବିବାହରେ ୯୬ ଜଣ ବ୍ରାଇଡ୍ସ ମେଡ ଥିଲେ। ନିସାନସାଲାଙ୍କ ଭଉଣୀ ଚମ୍ପି ସିରିୱର୍ଦନା ଯେ କି ଶ୍ରୀଲଙ୍କାର ପ୍ରମୁଖ ମ୍ୟାରେଜ୍ ପ୍ଲାନର୍ ଏବଂ ଡ୍ରେସ ଡିଜାଇନର୍, ସେ ପୂର୍ବର ଏହି ବିଶ୍ୱ ରେକର୍ଡ ଭାଙ୍ଗିବାକୁ ଯୋଜନା କରିଥିଲେ। ଆଉ ସଫଳତାର ସହ ୧୨୬ ଜଣ ବ୍ରାଇଡ୍ସ ମେଡଙ୍କୁ ବିବାହ ପାଇଁ ନିୟୋଜନ କରି ନୂଆ ରେକର୍ଡ ସୃଷ୍ଟି କଲେ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଅକାଳେ ମରଣ କି ସୁଖ ..!

ଆତ୍ମହତ୍ୟାରେ କିବା ଆନନ୍ଦ! ଏତେ ପିଲା ନିଆଁ ଭିତରକୁ ନିଜକୁ ଫିଙ୍ଗି ଜିଅନ୍ତା ପୋଡ଼ି ହେଇ କାହିଁକି ମରୁଛନ୍ତି? ଆଉ ଯେଉଁମାନେ ମରାଉଛନ୍ତି, ସେମାନେ ସୁପର ଚଲାଖିଆ.. ଜିଅଲ ଭିତରେ ମାଗଣା ଖାଇବାରେ ବେଶି ଆନନ୍ଦ, ବୋଧହୁଏ ବେଶ୍ ବୁଝିଛନ୍ତି।

କଥାରେ ଅଛି ଯିଏ ବମ୍ୱେଇ ଲଡୁ ଖାଏ..ସିଏ ପସ୍ତାଏ। ଯିଏ ନ ଖାଏ.. ସିଏ ବି ପସ୍ତାଏ। ଠିକ୍ ସେମିତି ଆତ୍ମହତ୍ୟା କଲେ ସୁଖ-ଶାନ୍ତି ଗୁଡ଼ା ଝରଝର ଗଳଗଳ ହେଇ ଗଳିପଡିବ, ଦୁଃଖ-ଯନ୍ତ୍ରଣା ଛାଡି ପଳେଇବ- ଭାବି ଏମିତି ଯିଏ କରିଛନ୍ତି, ଆଉ ଯେଉଁମାନେ କରିବାକୁ ଭାବୁଛନ୍ତି, ତାଙ୍କ କରିବାକର୍ମ..ତାଙ୍କ ବୁଦ୍ଧିବାପଣକୁ ଆମର ଦୂରୁ ଜୁହାର ! ଯୋଉ ମରଣର ନାଁ ଧରିଲେ, ମନ ଖରାପ ହୋଇଯାଏ.. ଛାତିଆଁ ଜର ପଶିଯାଏ, ଯିଏ ଯଦି ମରିବା କି ମାରିବା କଥା କହେ- ତା'ସହ ଝଗଡ଼ା ଲାଗିଯାଏ, ଏମିତି କି ଯିଏ ମାରିବାକୁ ଧମକ ଦିଏ-ସେ ପ୍ରତି ଆକ୍ରମଣର ଶିକାର ହେଉଥିବାର ଦେଖାଯାଏ। ଅଥଚ ଯିଏ ଜାଣିଶୁଣି ଆତ୍ମହତ୍ୟା କରୁଥାଏ, ତାଙ୍କୁ କ'ଣ ବୀର କି ସାହସୀ ଆଖ୍ୟା ଦିଆଯାଏ ? ଏତେ ଏତେ ସାହସୀ ବୀରମାନଙ୍କୁ ସମ୍ମାନିତ କରାଯାଉଥିଲା ବେଳେ କାହିଁ କେଉଁଠି ତ ଆତ୍ମହତ୍ୟାକାରୀଙ୍କୁ ମରଣ ଉତ୍ତର ଭାବେ ସମ୍ମାନିତ କରାଯିବାର ଦେଖାଯାଉନାହିଁ! ଜୀବନବୀମା କରେଇଥିଲେ ବି ସଂସ୍ଥା ଏମିତି ମରଣ ପରେ ମୁହଁ ମୋଡ଼େ। ହଁ, ଯେବେ ମରିବାକୁ ନାହିଁ ଡର, ତେବେ ସୈନିକ ସାଜି ସୀମାନ୍ତରେ ଲଢ଼.. ଦେଖିବା ତମର କାଡ଼। ବଞ୍ଚିଲେ ଲାଭ, ମଲେ ଥୁଆ ପୁରସ୍କାର! ବୀର ସିନା ମରେ ଥରେ, ହେଲେ ଅନେକ ଥର ଭୀରୁ ମରେ। ଆଉ ଯୋଉମାନେ ଭାବୁଛନ୍ତି ତାଙ୍କର ଜୀବନର ମୋହମାୟା ନାହିଁ, ତୀବ୍ର ବୈରାଗ୍ୟ ଉଦୟ ହୋଇଥିବାରୁ ସ୍ୱେଚ୍ଛାରେ ମରିଲେ ମୁକ୍ତି ହୋଇଯିବ ବୋଲି ତେବେ ବହୁ ଜ୍ଞାନୀଗୁଣୀ ପଣ୍ଡିତ ଅଥବା ସାଧୁ ମୁନିଋଷି ତ ମୁକ୍ତିପାଇଁ ଆତ୍ମହତ୍ୟା କରୁଥାଆନ୍ତେ ଓ ଅନ୍ୟଙ୍କୁ ଆତ୍ମହତ୍ୟା କରିବାକୁ ଉପଦେଶ ଦେଉଥାଆନ୍ତେ! ସେମାନେ ଆତ୍ମହତ୍ୟା ମହାପାପ କହିଯାଇ ନ ଥାନ୍ତେ ! ବରଂ କହିଥାନ୍ତେ, ଆତ୍ମହତ୍ୟା ବଡ଼ ପୁଣ୍ୟରେ ନର-ନାରୀ ଗଣ, ହସି ହସି ଆତ୍ମହତ୍ୟା କରରେ ବରଣ ! ଏଇଟା ମୁକ୍ତି ମାର୍ଗ! ଜୀବନର ଯନ୍ତ୍ରଣାରୁ ମୁକ୍ତିପାଇଁ ବୁଦ୍ଧଦେବ ଏତେ ତପସ୍ୟା କରି ମୁକ୍ତିର ମାର୍ଗ.. କାମନାର ବିନାଶରେ ଦୁଃଖର ବିନାଶ.. ଇତ୍ୟାଦି ବାଟ ଦେଖାଇ ନ ଥା'ନ୍ତେ। କି ବ୍ୟାସଙ୍କ ପରି ମହାପୁରୁଷ ଏତେ ଶାସ୍ତ୍ର ଲେଖିବା ବା ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଗୀତା ଶୁଣେଇ କହିବା ପଡେଇବା ଦର୍କାର ପଡ଼ି ନ ଥାନ୍ତା! ଚର୍ଚ୍ଚରେ ପ୍ରାର୍ଥନା କି ମସ୍ଜିଦରେ ଉପାସନା କି ମନ୍ଦିରରେ ପୂଜାର୍ଚ୍ଚନା ଆଉ କି ଲୋଡ଼ା ପଡ଼ନ୍ତା ? ଯାହାକୁ କଷ୍ଟ ଲାଗିଲା କି ଯାହାଠେଇଁ ଅସହ୍ୟ ରୋଗ ବ୍ୟାଧି ପଶିଲା, ସିଏ ଆଉ କାହା ପରାମର୍ଶ ନ କରି ଆତ୍ମହତ୍ୟା ଭଳିଆ ପନ୍ଥା ବାଛିନିଅନ୍ତା। ଯେବେ କେଉଁ ଅପରାଧର ଦଣ୍ଡ ସ୍ୱରୂପ ଜେଏଲ ଦଣ୍ଡ ଭୋଗିବାକୁ ପଡିଲା, ସେ ଜେଏଲ ଡେଇଁ ପଳେଇଲେ ମୁକ୍ତି ଭାବି ଆଉ ବେଶିଦିନ କଏଦୀ ଜୀବନ ଜିଉଁ ନ ଥାନ୍ତା କିମ୍ବା ବିଚାରପତିଙ୍କ ମୃତ୍ୟୁ ଦଣ୍ଡରୁ ମୁକୁଳିବା ପାଇଁ ଉପର କୋର୍ଟ କି ରାଷ୍ଟ୍ରପତିଙ୍କୁ ବିକଳ ହୋଇ ଆବେଦନ କରୁ ନ ଥାନ୍ତେ! ଚଟାପଟ ଫଟାଫଟ ଆତ୍ମହତ୍ୟା କରି, ସବୁ କଷ୍ଟରୁ ତ୍ରାହି ଲଭୁଥାନ୍ତେ ! ଆଜ୍ଞା, ଦଣ୍ଡ ଭୋଗ ସରିବା ଆଗରୁ ପଳାୟନ କଲେ, ଦଣ୍ଡ ବଢେ ନା କମେ ଟିକେ ଭେଜାରେ ପୂରେଇ ହେଜନ୍ତୁ। ଯୋଉମାନେ ଆତ୍ମହତ୍ୟା କଲେ ଆନନ୍ଦମିଳେ କି ସୁଖ ଗୁରା ଅଜାଡ଼ି ହେଇପଡ଼େ ଭାବି ଅକାଳ ମରଣକୁ ବରଣ କରୁଛନ୍ତି, ସେମାନେ ଅନ୍ତତଃ ଥରେ ଆତ୍ମହତ୍ୟା କରିବାକୁ ଯାଇ, ମରୁ ମରୁ ବଞ୍ଚିଯାଇଥିବା ସେଇ ସାହସୀମାନଙ୍କ ପାଖରେ ବସି ଯଦି ସେ ମରଣ ସହ ରଣ କରି କେମିତି ବଞ୍ଚିଲେ, ସେଇ ଅନୁଭୂତି ଥରେ ଶୁଣନ୍ତେ, ତେବେ ହଲପ କରି କହୁଛି, ଆଉ ଆତ୍ମହତ୍ୟା କରିବାକୁ କେବେ ସାହସ କରିବେ ନାହିଁ ବୋଲି। ବିଶେଷକରି ଯୋଉ ଶିକ୍ଷିତ ଯୁବତୀ-ଯୁବକ, ଯାହାର ଜିଇବାର ଲମ୍ବା ଜୀବନ ଅଛି, ସେମାନେ ଜାଣନ୍ତେ।

ଥରେ ଷ୍ଟୋଭ କିରୋସିନରେ ନିଜ ଉପରେ ରାଗ ଶୁଝାଉ ଶୁଝାଉ ଦରପୋଡ଼ି ଦାମିନୀ ଭାଉଜ ଘର ପାଇଟି କରୁଥିଲାବେଳେ, ତାଙ୍କ ଇହକାଳର ସ୍ୱାମୀ ଦାମଭାଇଙ୍କ ସହ କୋଉ କାରଣରୁ ଟିକେ ବୋଲାବୋଲି ହେଇଗଲା। ଦାମଭାଇ କହୁକହୁ କହିଦେଲେ.. ଆଲୋ ଦାମିନୀ ! ତୁ ତ ତୋ ନିଜ ଇଚ୍ଛାରେ ମରିବାକୁ ଯାଉଥିଲୁ ବଞ୍ଚିଗଲୁ। ସେ ସମୟ ଅଲଗା ଥିଲା।



ଏବେ ପୋଡ଼ାଜଳାରେ ଟଙ୍କା ପଇସା, ଅର୍ଥ ପ୍ରାପ୍ତି, ରାଜନୀତି। ଆ, ମୁଁ ତତେ ଆଜି ପୋଡିକି ମାରିବି। କେତେ କିଏ କାରଣ ଅକାରଣରେ ପୋଡ଼ି ମରୁଛନ୍ତି, ଲାକ୍ଷେ ଲାକ୍ଷେ ଟଙ୍କା ପାଉଛନ୍ତି, ତୁ ମଲେ ସରକାର ଯୋଉ ମୋଟା ଟଙ୍କା ଦେବେ, ମୋର ଆଗର ତୋ' ପାଇଁ ହେଇଥିବା ଖରଚା ଉଠି ଆଉ ଯୋଉ ବଳକା ଟଙ୍କା ରହନ୍ତା.. ସେଥିରେ ଆମ ଝୁଅ-ବୁଲି'ର ବାହାଘର ଭଲରେ ହେଇ ଯାଆନ୍ତା। ଦାମିନୀ କହିଲା.. ନାଇଁ ନାଇଁ । ମତେ ଆଉ ସେ ପୋଡାଜଳା କଥା କହନାହିଁ କି ମାରିବା ମରିବା କଥା ମୁହଁରେ ଧରନାହିଁ । ଇଲୋ ମୋ ବୋଉଲୋ.. ଗଙ୍ଗା ଗଲି ଯେତିକି ଫଳ ପାଇଲି ସେତିକି। ଦାମଭାଇ କହିଲା.. ତେବେ କ'ଣ ଭାବି ତୁ ନାମ ନେଉଥିଲୁ.. ଟିକେ କହିଲୁ। ଦାମିନୀ-ଭାଉଜ କହିଲେ, ମୁଁ ମୋ ବାପଘରେ ଗୋଟେ ଝୁଅ ବୋଲି ଅଲିଅଳରେ ବଢ଼ିଥିଲି। ତମ ଘରର ପାଇଟି କରି ଯେବେ ତମ ମା' ଉଭଣୀ ଠଉଁ ଗାଳି ଶୁଣେ, ମତେ ମରିବାକୁ ଇଚ୍ଛାହୁଏ। ଭାବିଥିଲି ମରିଗଲେ ସବୁ ଜଞ୍ଜାଳ ଯିବ, ତ୍ରାହି ମିଳିବ। ଏଇ 'ଜୀବନ-ପବନ' ପାଇଁ ସିନା ଏତେ ଦହଗଞ୍ଜ ! ତେଣୁ...। ତେଣୁ ତୁ' ନିଆଁ ଲଗେଇକି ନିଜେ ତ କଲବଲ ହେଇ ରଡ଼ି ବୋବାଳି ଛାଡିଲୁ, ଆମ ବଅଁଶ ବରଗକୁ ହନ୍ତସନ୍ତ କଲୁ। ତୁ କେମିତି ଭାବିଲୁ.. ଜୀବନ, ତୁଚ୍ଛା ପବନ ? ଯଦି ଜୀବନ ଯିବା ମାନେ ଦେହରେ ଥିବା ପବନ ପଳେଇବା ଭାବିଲୁ, ତେବେ ଇଏ ସଂସାରରେ ଯିଏ ମରୁଛନ୍ତି, ମାନେ ପ୍ରାଣ-ପବନ ପଳାଉଛି, ତେବେ ସମସ୍ତେ ତ ଗୋଟେ ଗୋଟେ ସାଇକଲ ଚକାରେ ପବନ ଭରିବା ପମ୍ପ ଆଣିକି, ନାକ ପୁଡାରେ ରବର ଟିଉବ ପୂରେଇ ପବନ ଖୁନ୍ଦି ଦେଉଥାଆନ୍ତେ, ଆଉ ମଲା ଲୋକ ପୁଣି ଫୁଟୁବଲରେ ପବନ ପଶି ଡେଇଁଲାଭଳିଆ ଉଠନ୍ତେ! ଆଲୋ ହେ ଓଲି! ଜୀବନ ନୁହଇଁ ପବନ। ଜୀବନ ରହିବାକୁ ଲୋଡ଼ା ପାଣି-ପବନ। କହିଲୁ, ନିଆଁକୁ ନିଜ ଦେହରେ ଲଗେଇଲା ବେଳେ କେଉଁ ମୁକ୍ତିର ଖୁସିଟା ମିଳୁଥିଲା ?

-- ଖୁସି ? ନା ଚୁଲି ପାଉଁଶ। ଗରମ ପେଜ ଟିକେ ହାତରେ ପଡିଲେ ଯୋଉ ପୋଡ଼ା ଜଳା ହୁଏ, ତାକୁ ସହି ହଉନି, ଆଉ ନିଆଁରେ ଜିଅନ୍ତା ଦେହ ପୋଡିବାରେ ଯୋଉ କଷ୍ଟ ଲୋ ମା'.. ମୁଁ ଖାଲି ଡିଆଁମାରି ସବୁ ଦିଅଁ ଦେବତାଙ୍କୁ ବିକଳ ହେଇ ଡାକୁଥାଏ.. ମତେ କେମିତି ବଞ୍ଚେଇ ଦିଅ ହେ ପ୍ରଭୁ ! ଦାମଭାଇ ହସିଲା। କହିଲା.. ତୁ ଯେମିତି ଭଲକି ନାମ ନେଇଛୁ, ମୁଁ ବି ଦିନେ ଭଲ କି ପାନେ ପାଇଛି। ପିଲାବେଳେ ପାଠ ଭଲ ହଉ ନ ଥିଲା ବୋଲି ଗାଳି ଖାଉଥିଲି। ଯେବେ ନବମ ଶ୍ରେଣୀରେ ଫେଲ ହେଲି, ବାପା ରାଗିକି ମୋ' ପିଠିରେ ବାଇଶି ପଳିଆ ବିଧା, ଗୋଡ଼ରୁ ମୁଣ୍ଡ ଯାଏଁ ଭଲକି ଯେବେ ଦେଲେ, ମୁଁ ରାଗିକି ବିଷ ପିଇଦେଲି। ମୋ' ବାପାଲୋ.. ଯୋଉ ଜୀବନ ଛଡା କଷ୍ଟ ତ ହେଲା ହେଲା, ହେଲେ ମେଡିକାଲ ନେଇ ମୋ'ପାଟି ମେଲେଇ ଯୋଉ ଦୁର୍ଗନ୍ଧିଆ ପଟାସ ପାଣି କି କଣ କଣ ପାଇପ ବାଟେ ପେଟକୁ ପୂରେଇଲେ...ଭକ ଭକ ବାନ୍ତି କରେଇଲେ, ଓଃ ହୋ.. ମୋ କଥା ମତେ ଧରାଧର! ମରଣ ଠାରୁ ବଳି ସିଏ ଆହୁରି ଯନ୍ତ୍ରଣା! ବଞ୍ଚିଗଲି.. ବଡ଼ କଷ୍ଟରେ। ଭାରି ଲାଜ ଲାଗିଲା, ହେଲେ ସେବେଠୁ ମୋର ଜୀବନ ବଦଳିଗଲା । କାନ ମୋଡିହେଲି, ଆଉ ଜୀବନରେ ଜିଇଁ ଥିବାଯାଏଁ, ଆତ୍ମହତ୍ୟା ଚେଷ୍ଟା କରିବି ନାହିଁ କି ଏମିତିଆ ହରକତିଆ ନାମ ନେବି ନାହିଁ ।


ସପନରେ ଯଦି କାହାକୁ କୁକୁର କାମୁଡେ କି ତା'ଉପରେ କାନ୍ଥ କି ଗଛ ପଡିଯିବାର ଅନୁଭବ କରେ, ସେ ଯେମିତି ଅସହ୍ୟ କଷ୍ଟରେ ବିକଳରେ ସମସ୍ତଙ୍କୁ ଡାକୁଥାଏ। ହେଲେ କେହି ତା' ଡାକ ଶୁଣନ୍ତି ନାହିଁ। ଯଦି ସପନରେ ଗାଁ ଗାଁ ରଡ଼ି କରିବାବେଳେ ପାଖରେ କାହା ନିଦ ଭାଙ୍ଗିଯାଏ, ତାକୁ ନିଦରୁ ଉଠେଇ ଦିଏ, ତେବେ ରକ୍ଷା। ସିଏ କେତେ ସମୟ ଭୟରେ ଥରୁଥାଏ.. ପାଟି ଶୁଖି ଦେହରୁ ଗମ ଗମ ଝାଳ ବହୁଥାଏ। ତେବେ ବୁଝ, ଅସଲରେ ଆତ୍ମହତ୍ୟା, କେତେ କଷ୍ଟ। ତୁମ ମରଣ ଯନ୍ତ୍ରଣାରୁ ବୁଝୁଥିବୁ। ଜାଣିବାରୁ ସିନା ତତେ ବାପା-ମା' ମେଡିକାଲ ନେଇ ଡାକ୍ତର ଲଗେଇକି ଭଲକଲେ, ନ ହେଲେ ସେଇ ଆତ୍ମହତ୍ୟାର ଯନ୍ତ୍ରଣା ସାଙ୍ଗରେ କୋଉ ଯମ ଯନ୍ତ୍ରଣା ବି ସରି ନୁହେଁ ଲୋ ଦାମିନୀ ! ଏହାହିଁ ତ ବଡ଼ ନରକ ଯନ୍ତ୍ରଣା। ପ୍ରକୃତରେ କେହି କାହାକୁ ଆତ୍ମହତ୍ୟା କରେଇବାକୁ ଉସକାନ୍ତି ନାହିଁ। ଯେଯାଏଁ, ନିଜ କ୍ରୋଧକୁ କରିନେ ବଧ, ନ ମାରିଛେ ଅଭିମାନ, ଦୂରମାର ନ ହୋଇଛି ନିଜ ଅହଂକାର- ସେଇ ଦୈତ୍ୟ ଗୁଣ ହିଁ ଆମ ଭିତରେ ରହି ସର୍ବନାଶର କାରଣ ସାଜେ। ତୋ ମନକଥା ବୁଝିବାକୁ ସିନା ମିଛରେ ରାଗି ଝଗଡ଼ା କରୁଥିଲି। ଯୋଉମାନେ ମରିବାକୁ ହୁଙ୍କୁହୁଙ୍କୁ ହେଇ ପ୍ରେମରେ ଫସୁଛନ୍ତି କି ମରଣକୁ ବରଣ କରି ଭାଇରାଲ ହେବାକୁ ନିଜ ଲୁଗାରେ ନିଆଁ ଲଗେଇକି ଭିଡିଓ ଶୁଟିଂ କରି ରିଲ କରୁଛନ୍ତି କି କୋଉ ଗାଡି ଉପରେ କି ଆଗରେ ଠିଆ ହୋଇ ଅବା ବଣୁଆ ହିଂସ୍ର ପଶୁ କି ହିଂସ୍ର ମଣିଷ ପାଖେ ସାହସ ଦେଖେଇ ମରିବାକୁ ଚାହୁଁଛନ୍ତି, କଲବଲ ହୋଇ ମରିବା କଷ୍ଟ ଆଉ କିଏ ନେବେ କି, ତୁମ ସାହସିକ କାମ ପାଇଁ କେବେ କେହି ଜାତୀୟ ପୁରସ୍କାର ଦେବେ କି, .. ତେଣୁ ଭଲକି ଥରେ ହେଜିବା ଦର୍କାର। ଭାବିଲେ ତ ରକ୍ଷା। ନ ହେଲେ..ତ ନାମ ନେଉଥିବ.. ଅଖା ଧୋଉଥିବ.,ଗୁଣ ଗାଉଥିବ..!

-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଲୀଳାମୟ ଶ୍ରୀଜଗନ୍ନାଥ

**ମନୋଜ କୁମାର ସାହୁ , ପ୍ରକାଶିକା-ଶ୍ରୀମତୀ ସଂଘମିତ୍ରା ସାହୁ**
**ବ୍ୟାଙ୍କ କଲୋନୀ, ଗୋସାଗରେଶ୍ୱର ଛକ, ପୁରଣା ଭୁବନେଶ୍ୱର-୨, ମୂଲ୍ୟ-୧୨୦ଟଙ୍କା**




ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ଉପରେ ୯୨ଟି କବିତା ସ୍ଥାନିତ ହୋଇଛି। ବିଶ୍ୱର ବିସ୍ମୟ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ପ୍ରଭୁଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଲୀଳାଖେଳା, ଭକ୍ତି ଭାବନା ସରହଦର ବହୁ ଉର୍ଦ୍ଧ୍ୱରେ। ତେଣୁ ସେ ଲୀଳାମୟ। ଜଗନ୍ନାଥଙ୍କ ଲୀଳା ସମୂହକୁ ଭାବ ଭକ୍ତିର ପୁଟ ଦେଇ ଲୀଳାମୟ ଶ୍ରୀଜଗନ୍ନାଥର ସୃଷ୍ଟି। ସମସ୍ତ କବିତା ଯେତିକି ଭାବମୟ ସେତିକି ତଥ୍ୟ ଓ ସୂଚନା ସମ୍ପନ୍ନ। ଜଗନ୍ନାଥଙ୍କର ସେବା, ନୀତି, ପରମ୍ପରା, ବିଧିବିଧାନ, ମହାତ୍ମ୍ୟ, ପର୍ବପର୍ବାଣୀ, ନୀଳାଚଳର ମଠ, ପୀଠ, ଦେବଦେବୀ ଓ ଶ୍ରୀମନ୍ଦିର ବିଧି ବିଧାନ ଇତ୍ୟାଦି ସରଳ, ସଂକ୍ଷିପ୍ତ ଓ ସାବଲୀଳ ଭାବେ ସମସ୍ତ କବିତାରେ ରହିଛି। ସବୁ କବିତା ଦର୍ଶନ ଉଦ୍ଭରିତ ଓ ତଥ୍ୟପୂର୍ଣ୍ଣ। ସବୁ କବିତାରେ ମହାପ୍ରଭୁଙ୍କ ଅପୂର୍ବ ଲୀଳାଖେଳାର ଭାବପୂର୍ଣ୍ଣ ବର୍ଣ୍ଣନା ରହିଛି। ବିଦଗ୍ଧ ପାଠକ ଏହାକୁ ଅନୁଭବିବାରେ ସହାୟକ ହେବେ ।

### ବିଜୟୀ ବିଶ୍ୱ ତ୍ରିରଙ୍ଗା ପ୍ୟାରା

**ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରକାଶକ- କୋଣାର୍କ ପବ୍ଲିଶର୍ସ**
**ତୁଳସୀପୁର, କଟକ-୮ , ମୂଲ୍ୟ- ୧୬୦ଟଙ୍କା**

ଜାତୀୟ ପତାକାକୁ ନେଇ ପୁରୁଣା କବିଙ୍କର ଯେତେ ସଂଗୀତ ରହିଛି ସେଗୁଡିକୁ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ସଂକଳିତ କରି ଏହି ପୁସ୍ତକ ପ୍ରକାଶ କରିଛନ୍ତି। ଏଥିରେ ୫୪ଜଣ କବିଙ୍କର ୬୫ଟି କବିତା ରହିଛି। ପୃଥିବୀରେ ଯେତେ ପତାକା ଅଛି ସେଥିରୁ ଭାରତର ତ୍ରିରଙ୍ଗା ଖୁବ୍ ସୁନ୍ଦର। ଉପରେ କେଶରୀ ମଝିରେ ଧଳା ଓ ତଳେ ସବୁଜ ରଙ୍ଗ ସହିତ ନୀଳ ରଙ୍ଗରେ ଅଙ୍କିତ ଅଶୋକଚକ୍ର ଏହାର ମଧ୍ୟ ଭାଗରେ ଶୋଭାପାଇଲା। ଜାତୀୟ ପତାକାକୁ ନେଇ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମଲାଲ ଗୁପ୍ତା 'ପାଷର୍ଦ' ରଚନା କଲେ ''ବିଜୟୀ ବିଶ୍ୱ ତ୍ରିରଙ୍ଗା ପ୍ୟାରା, ଝଣ୍ଡା ଉଚାଁ ରହେ ହମାରା ।'' କାନପୁର କଂଗ୍ରେସ ଅଧିବେଶନରେ ପ୍ରଥମ ଥର ପାଇଁ ଏହାକୁ ଗାନ କରାଗଲା। ଓଡ଼ିଆ ଭାଷାରେ ରଚିତ ପତାକା ଗୀତକୁ ନେଇ ଏହି ସଂକଳନର ସୃଷ୍ଟି। ଆଶା ପୁସ୍ତକଟି ପାଠକଙ୍କ ଦ୍ୱାରା ଆଦୃତି ଲାଭ କରିବ ।



# କାର୍ ବୋନେଟ୍ ପାଲଟିଲା ଆକ୍ୱାରିୟମ



ନିଜ କାର୍‌କୁ ଲୋକେ ବିଭିନ୍ନ ପ୍ରକାରର ଆସେସୋରିଜ୍ ବ୍ୟବହାର କରି ସଜାଇଥାଆନ୍ତି । ତେବେ ଚାଇନାର ଜଣେ ବ୍ୟକ୍ତି ସମ୍ପ୍ରତି ନିଜ କାର୍‌କୁ ଏଭଳି ସଜାଇଛନ୍ତି ଯେ, ତାକୁ ଦେଖି କିଏ ଚକିତ ହେଉଛନ୍ତି ତ କିଏ ନିନ୍ଦା କରୁଛନ୍ତି । କଥା କ'ଣ କି ସୋସିଆଲ ମିଡ଼ିଆର ଏକ ଭିଡ଼ିଓରେ ଦେଖିବାକୁ ମିଳେ ଏକ ଲକ୍ସୁରି ଏସ୍‌ୟୁଭି କାର୍‌ର ମାଲିକ ତାଙ୍କ କାରର ହୁଡ ଉପରେ ଥିବା ଏକ ସ୍ୱଚ୍ଛ ପ୍ଲାଷ୍ଟିକ ଆସ୍ତରଣକୁ ବଡ଼ ମାଛ ଏବଂ କଙ୍କଡ଼ାରେ ପୂର୍ଣ୍ଣ ଏକ ଭ୍ରାମ୍ୟମାଣ ଆକ୍ୱାରିୟମରେ ପରିଣତ କରିଛନ୍ତି ; ଯାହାକୁ ଦେଖି କିଏ ଆଶ୍ଚର୍ଯ୍ୟ ହେଉଛନ୍ତି ତ କିଏ ନିନ୍ଦା କରୁଛନ୍ତି । କେହି କେହି ଏହାକୁ ଏଆଇ ଜେନେରେଟେଡ୍ ବୋଲି ବି ଭାବୁଛନ୍ତି । କିନ୍ତୁ ଏହା ବାସ୍ତବ । ଏକ ଗଣମାଧ୍ୟମକୁ ଉକ୍ତ ଗାଡିର ମାଲିକ କହିଛନ୍ତି, 'ଥରେ ମୁଁ କିଛି ସୁନ୍ଦର ମାଛ ଧରି ଆଣିଥିଲି । ହେଲେ ରଖିବା ଲାଗି ପାତ୍ର ଆଣିବାକୁ ଭୁଲି ଯାଇଥିଲି । ହଠାତ ମୋର ନଜର ମୋ ଏସ୍‌ୟୁଭି ଗାଡିର ହୁଡ ଉପରେ ଥିବା ସ୍ୱଚ୍ଛ ପ୍ଲାଷ୍ଟିକ ଆସ୍ତରଣ ଉପରେ ପଡ଼ିଲା । ଭାବିଲି ଏଠାରେ ତ ମାଛ ରଖିହେବ । ଆଉ ଏହାକୁ ଆକ୍ୱାରିୟମରେ ପରିଣତ କରିଦେଲି ।' ଯେବେ ବ୍ୟକ୍ତିଜଣକ ସେହି କାର୍‌ରେ ସହରକୁ ଆସିଲେ ସମସ୍ତଙ୍କର ନଜର କାର୍ ଆଡ଼କୁ ଆକର୍ଷିତ ହେଲା । ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଲା । କିଛି ଲୋକ ନିନ୍ଦା ବି କଲେ । ଏମିତି କି ଲିଆଓନିଂର ଟ୍ରାଫିକ ପୋଲିସ ଏଭଳି ଗାଡି ସାଧାରଣ ରାସ୍ତାରେ ଚଲାଇବା ପାଇଁ ଅନୁପଯୁକ୍ତ ବୋଲି ମନେ କରିଥିଲେ । ଏଥିପାଇଁ ତାଙ୍କୁ ଜରିମାନା କରାଯାଇଥିଲା କି ନାହିଁ ତାହା ସ୍ପଷ୍ଟ ନୁହେଁ, କିନ୍ତୁ ଚାଳକଙ୍କୁ ପୋଲିସ ସତର୍କ କରାଇ ଦେଇଥିଲେ ଯେ ଆକ୍ୱାରିୟମ କାର୍ ହୁଡ ବେଆଇନ ।



# ସୁପର୍ ମାର୍କେଟ ଭିତରେ ବଡ଼ ପଥର

ସୁପର୍‌ମାର୍କେଟ୍‌ର ଚାକଚକ୍ୟ ଓ ସାଜସଜ୍ଜା ସମସ୍ତଙ୍କୁ ଆକର୍ଷଣ କରେ । ଏଠାକୁ କିଏ ଶପିଂ କରିବାକୁ ଯାଆନ୍ତି ତ କିଏ ବୁଲିବାକୁ ବି ଯାଆନ୍ତି । ତେବେ ଏଷ୍ଟୋନିଆର ହାବନିମେ ସହରର ଭିମସି ଶପିଂ ସେଣ୍ଟରରେ ଅଛି ଏମିତି କିଛି ଯାହାକୁ କେହି ଅଣଦେଖା କରିପାରିବେନି । କାରଣ ଏଭଳି ଜିନିଷ ହୁଏ ତ ଆଉ କୌଣସି ସୁପର୍ ମାର୍କେଟ୍‌ରେ ନ ଥିବ । କାରଣ ଏହି ସୁପର୍ ମାର୍କେଟ ମଝିରେ ଅଛି ଏକ ବିଶାଳ ପଥର । ଭାବୁଥିବେ ସୁପରମାର୍କେଟରେ ପୁଣି ବିଶାଳ ପଥର ! ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ଏହା ସତ । ଏଷ୍ଟୋନିଆର ଭିମ୍‌ସି ସୁପରମାର୍କେଟରେ ଥିବା ଏହି ପଥରର ପରିଧି ୨୨ ମିଟର ହୋଇଥିବାବେଳେ ଉଚ୍ଚତା ପ୍ରାୟ ୬ ମିଟର । କୁହାଯାଉଛି ଶପିଂ ସେଣ୍ଟର ହେବାର ପ୍ରାୟ ୧୦ ହଜାର ବର୍ଷ ପୂର୍ବରୁ ଏହି ପଥର ଏଠାରେ ଥିଲା । ଶପିଂ ମଲ ପାଇଁ ଭିତ୍ତିଭୂମି ଖୋଳିବା ସମୟରେ ୨୦୧୪ ଏହା ଆବିଷ୍କାର ହୋଇଥିଲା । ଶ୍ରମିକମାନେ ପ୍ରଥମେ ଏହାକୁ ନଷ୍ଟ କରିଦେବାକୁ ଚାହୁଁଥିଲେ, କିନ୍ତୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ପରେ ଜଣାପଡ଼ିଲା ଯେ, ବିଶାଳ ପଥରଟି ପ୍ରକୃତରେ ଏକ ଖାସ୍ ପଥର, ଯାହାକି ସଂରକ୍ଷଣଯୋଗ୍ୟ ।

କୁହାଯାଉଛି ଏହି ପଥର ହିମଖଣ୍ଡ ଦ୍ୱାରା ରୂପ ପାଇଛି, ପରେ ହିମଖଣ୍ଡ ଦ୍ୱାରା ସ୍ଥାନାନ୍ତରିତ ହୋଇଛି ଏବଂ ହିମଖଣ୍ଡ ତରଳିବା ପରେ ପଥରଟି ଏହିଠାରେ ରହିଯାଇଛି । ଏଷ୍ଟୋନିଆରେ ଏଭଳି ଅଗଣିତ ପଥର ରହିଛି । ହେଲେ ଭିମସି ଶପିଂ ସେଣ୍ଟରର ମଧ୍ୟଭାଗରେ ଥିବା ପଥରଟି ବହୁ ପୁରାତନ ଓ ଶେଷ ହିମଯୁଗ ସମୟର ବୋଲି ବିଶ୍ୱାସ କରାଯାଏ । ତେଣୁ ଏହାକୁ ନଷ୍ଟ କରିବା ଠିକ୍ ନୁହେଁ । ସେଥିପାଇଁ ଡେଭଲପର୍‌ମାନଙ୍କ ପାଖରେ ସେମାନଙ୍କର ଯୋଜନା ପରିବର୍ତ୍ତନ କରି ପଥରଟିକୁ ତା' ସ୍ଥାନରେ ରଖିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା । ଶେଷରେ ବିଶାଳ ପଥର ଚାରିପାଖରେ ସୁପର ମାର୍କେଟ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ଦଶ ବର୍ଷ ପୂର୍ବେ ଯେତେବେଳେ ଭିମସି ଶପିଂ ସେଣ୍ଟର୍ ପ୍ରଥମ ଥର ପାଇଁ ଖୋଲିଲା, ସମସ୍ତଙ୍କୁ ଏହି ପଥର ବେଶ୍ ଅଜବ ଲାଗିଥିଲା । କିନ୍ତୁ ଧୀରେ ଧୀରେ ଲୋକମାନେ ଏଥିରେ ଅଭ୍ୟସ୍ତ ହୋଇଗଲେ ।



# ନିଆରା ୱାଟର ସ୍କିଂ



ସ୍କିଂ ଏକ ଦୁଃସାହସିକ ଜଳକ୍ରୀଡା, ଯାହାକୁ କେବଳ କିଛି ଦୁଃସାହସୀ ମଣିଷ ହିଁ କରିଥାଆନ୍ତି । ତେବେ ଏଭଳି କ୍ରୀଡାକୁ ନେଇ ରେକର୍ଡ ବି ହୋଇଛି । ଯେଉଁଥିରେ ଏକାଧିକ ବ୍ୟକ୍ତି ମାନବ ପିରାମିଡ ଆକାରରେ ରହି ସ୍କିଂ କରିଛନ୍ତି । ସେ ପୁଣି ଦୁଇ ତିନିଜଣ ବ୍ୟକ୍ତି ନୁହନ୍ତି ୯୩ ଜଣ ଦୁଃସାହସିକ ମଣିଷ ଜଣକ ଉପରେ ଜଣେ ପିରାମିଡ ଆକାରରେ ରହି ସ୍କିଂ କରିଛନ୍ତି । ଏହି ରେକର୍ଡ ୧୦ ସେପ୍ଟେମ୍ବର, ୨୦୨୨ରେ ଯୁକ୍ତରାଷ୍ଟ୍ରର ୱିସ୍କନସିନର ଜେନ୍ସଭିଲେରେ ଥିବା 'ଦି ମର୍କ୍ୟୁରୀ ମାରିନ ପିରାମିଡ' ଗ୍ରୁପ୍ ଦ୍ୱାରା ହାସଲ କରାଯାଇଥିଲା । ପୂର୍ବେ ଏହି ଗ୍ରୁପ୍ ୮୦ ଜଣଙ୍କୁ ନେଇ ଉକ୍ତ ରେକର୍ଡ କରିଥିଲା । ୨୦୨୨ରେ ସେମାନେ ଆହୁରି ୧୩ ଜଣ ସଦସ୍ୟଙ୍କୁ ମିଶାଇ ମୋଟ ୯୩ଜଣ ମିଶି ମାନବ ପିରାମିଡ ହୋଇ ସ୍କିଂ କରିଥିଲେ । ଆଉ ନିଜର ପୂର୍ବ ରେକର୍ଡ ଭାଙ୍ଗି ନୂଆ ବିଶ୍ୱ ରେକର୍ଡ କଲେ । ୯୩ ଜଣଙ୍କର ଏହି ପିରାମିଡକୁ ଟାଣିବା ପାଇଁ ୧୮୦୦ ହର୍ସପାୱାର୍‌ର ଆବଶ୍ୟକତା ପଡ଼ିଥିଲା ।